## ସଂକ୍ଷେପରେ

### ଗାଈକୁ ଧକ୍କା ଦେଲା କାର



ପାଣିକୋଇଲି,୨୪।୭(ବିକାଶ କୁମାର ମଲିକ):ପାଣିକୋଇଲି ଥାନା ଅନ୍ତର୍ଗତ ୨୦ନଂ.ଜାତୀୟ ରାଜପଥର ନୂଆପଦା ଛକ ନିକଟରେ ସୋମବାର ସକାଳେ ଏକ ଗାଈ ସହ କାର ଧକ୍କା ହେବାରୁ ଗାଈଟି ଆହତ ହୋଇଛି । ଏଥି ସହିତ କାରର ସମ୍ମୁଖ ଭାଙ୍ଗି ଯାଇଛି । କାର ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ପାଣିକୋଇଲିରୁ ଯାଜପୁରରୋଡ ଅଭିମୁଖେ ଏକ କାର ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଆହତ ଗାଈକୁ ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସାଳୟକୁ ପଠାଯାଇଛି ।

### ପଥରପଦା ଆପ୍ ସଭାପତିଙ୍କ ପରଲୋକ



ପାଣିକୋଇଲି, ୨୪।୭ (ବିକାଶ କୁମାର ମଲିକ): କୋରାଇ ବ୍ଲକ ପଥରପଦା ପଞ୍ଚାୟତ ନୂଆପଦା ଗ୍ରାମର ଆମ ଆଦମୀ ପାର୍ଟିର ପଞ୍ଚାୟତ ସଭାପତି ସୁଦର୍ଶନ ମଲିକଙ୍କ ସୋମବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସରକାରୀ ଚାକିରୀରୁ ଅବସର ନେବା ପରେ ମଲିକ ରାଜନୀତିରେ ଯୋଗଦେଇ ପ୍ରଥମେ ବିଜେଡି ଓ ପରେ ଆମ ଆଦମୀ ପାର୍ଟିରେ ସାମିଲ ହୋଇଥିଲେ। ସକାଳୁ ଭୁବନେଶ୍ୱର ଯିବା ପାଇଁ ଗାଧୋଉଥିବା ବେଳେ ହଠାତ୍ ହୃଦଘାତର ଶିକାର ହୋଇଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା । ଏହି ଖବର ଜଣାପଡିବା ପରେ ଆପ୍ ନେତା ଧରଣୀଧର ଘଡାଇ, କୋରାଇ ବିଧାୟକ ଅଶୋକ କୁମାର ବଳ, ତରକେଶ୍ୱର ମହାନ୍ତି, ବିଜେଡି ସଭାପତି ସନ୍ତୋଷ କୁମାର ବେହେରା, ସୁବାସ ଧଳ, ସୁଦର୍ଶନ ପରିଡ଼ା, ଗୋକୁଳାନନ୍ଦ ସାହୁ, ନିରଞ୍ଜନ ପରିଡା, ସରୋଜ କୁମାର ମଲିକ, ଦୀପକ କୁମାର ରାୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଏକମାତ୍ର ପୁଅ ମନୋଜ ମଲିକ ମୁଖାଗ୍ନି ଦେଇଥିଲେ ।

### କଳ୍ପତରୁ ଦାସଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ଆଜି ଗଣଦୌଡ଼

ଧର୍ମଶାଳା,୨୪। ୭(ବଟକୃଷ୍ଣ ପରିଡା): ଧର୍ମଶାଳା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ, ମନ୍ତ୍ରୀ ତଥା ଏମ୍‌ପି କଳ୍ପତରୁ ଦାସଙ୍କ ଅଷ୍ଟମ ଶ୍ରାଦ୍ଧୋତ୍ସବ ଅବସରରେ ଧର୍ମଶାଳା ଯୁବଛାତ୍ର ବିଜେଡି ଓ ତ୍ରିରଙ୍ଗା କ୍ଲବ ପକ୍ଷରୁ ମଙ୍ଗଳବାର ଏକ ଗଣଦୌଡର ଆୟୋଜନ କରାଯାଇଛି । ଏହି ଗଣଦୌଡ଼ରେ ଭାଗନେଇଥିବା ନିର୍ବାଚନ ମଣ୍ଡଳୀର ଯୁବତୀଯୁବକମାନେ ସକାଳ ୬ଘଟିକାରୁ ଧର୍ମଶାଳା ରାଣୀ ଅହଲ୍ୟାବାଇ ବଙ୍ଗଳାରୁ ବାହାରି ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ପହଞ୍ଚିବେ । ଏହି କାର୍ଯ୍ୟକ୍ରମକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଦୌଡରେ କୃତିତ୍ୱ ହାସଲ କରିଥିବା ଯୁବତୀଯୁବକଙ୍କୁ ପୁରସ୍କୃତ କରାଯିବ ବୋଲି ବ୍ଲକ ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକ ସୂଚନା ଦେଇଛନ୍ତି ।

# ଗ୍ରାମ୍ୟ ଦାରିଦ୍ର୍ୟ ଦୂରୀକରଣ ସମ୍ପର୍କିତ କର୍ମଶାଳା ଉଦ୍‌ଘାଟିତ

ରସୁଲପୁର,୨୪।୭(ରଞ୍ଜିତ ରାଉତ)



କର୍ମଶାଳାରେ ଯୋଗଦେଇଥିବା ଜନପ୍ରତିନିଧିମାନେ ।

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଗ୍ରାମ୍ୟ ଦାରିଦ୍ର୍ୟ ଦୂରୀକରଣ ସମ୍ପର୍କିତ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କର୍ମଶାଳାର ପ୍ରଥମ ଦିବସରେ ବ୍ଲକ ଅଧୀନ ୨୮ପଞ୍ଚାୟତ ମଧ୍ୟରୁ ୪ ପଞ୍ଚାୟତରୁ ୬୦ଜଣ ଜନପ୍ରତିନିଧିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।

ଗ୍ରାମରୁ ଦାରିଦ୍ର୍ୟତାକୁ ଦୂର କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଜନ ପ୍ରତିନିଧି, ସରକାରୀ କର୍ମଚାରୀ, ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଶିବିରାର୍ଥୀ ଭାବେ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ । ଗ୍ରାମର ସମସ୍ୟାକୁ ଦୂର କରିବା ସହ ଲୋକମାନଙ୍କ ଚଳଣିକୁ ସ୍ୱଚ୍ଛଳ କରିବା ଦିଗରେ ଶିବିରାର୍ଥୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କର୍ମଶାଳା ଜରିଆରେ ସୂଚନା ଦିଆଯାଇଛି।

ରସୁଲପୁର ବିଡିଓ ଅବନୀକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲା ପ୍ରକଳ୍ପ ପରିଚାଳକ ସୌଭାଗ୍ୟ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ବଳ ଅଧିକାରୀ ଭାବେ ରସୁଲପୁର ବ୍ଲକ ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ କୁମାର ଜେନା ଯୋଗଦେଇ ପଞ୍ଚାୟତର ଷ୍ଟାଣ୍ଡିଂ କମିଟି, ଇ-ପଞ୍ଚାୟତ ସଭା, ଗ୍ରାମସଭା ଆଦିର କାର୍ଯ୍ୟକାରିତା ଓ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଗ୍ରାମପଞ୍ଚାୟତ ଉନ୍ନୟନ ଯୋଜନା ଆଦି ସମ୍ପର୍କରେ ବିଷଦ ଭାବେ ବୁଝାଇ ଥିଲେ । ଏପିଓ ସୁଚିସ୍ମିତା ଜେନା ଗ୍ରାମପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନଆରଇଜିଏସ୍) ଦାରିଦ୍ର୍ୟ ଦୂରୀକରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ପ୍ରତ୍ୟେକ ଜବ୍‌କାର୍ଡଧାରୀ ପରିବାରକୁ ୧୦୦ଦିନର କାର୍ଯ୍ୟ ଯୋଗାଇ ଦେବା, ଯୋଜନା ଜରିଆରେ ପଞ୍ଚାୟତରେ ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରିବା, ଅଣକୁଶଳୀ ଶ୍ରମିକମାନଙ୍କୁ ଆତ୍ମନିର୍ଭରଶୀଳ କରିବାର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟତମ ସମ୍ବଳ ଅଧିକାରିଣୀ ଭାବେ ବିପିଏମ୍ ସୁପ୍ରଭା ଜେନା ଯୋଗଦେଇ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ ଗ୍ରାମପଞ୍ଚାୟତସ୍ତରରେ କାର୍ଯ୍ୟ କରୁଥିବା ଫେଡେରେଶନକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ସ୍ୱୟଂ ସହାୟିକା ଗୋଷ୍ଠୀର ମା'ମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱ ଦିଆଇଯାଇଥିଲା । ବିଭିନ୍ନ ଯୋଜନା ଜରିଆରେ ଗୋଷ୍ଠୀଗୁଡିକୁ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏହି ଅର୍ଥକୁ ପୁଞ୍ଜି ଭାବେ ଗ୍ରହଣ କରି ମହିଳାମାନେ ଆୟ ବୃଦ୍ଧି କରିବା ପାଇଁ ଚେଷ୍ଟା କରିବେ ବୋଲି ସୂଚନା ଦେଇଥିଲେ । ଏଥିସହ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ମିନତୀ ରାଉତ ବରିଷ୍ଠ ନାଗରିକମାନଙ୍କୁ ନ୍ୟାୟ ପ୍ରଦାନ, ଗରୀବ ଲୋକଙ୍କୁ ସାମାଜିକ ସୁରକ୍ଷାରେ ସାମିଲ କରି ବିଭିନ୍ନ ସରକାରୀ ସହାୟତା ଉପଲବ୍ଧ ସମ୍ପର୍କରେ ଶିବିରାର୍ଥୀମାନଙ୍କୁ ସୂଚନା ଦେଇଥିଲେ। ବିଡିଓ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମୁଖ୍ୟଅତିଥି ସାହୁ କର୍ମଶାଳାର ବାସ୍ତବ ଉଦ୍ଦେଶ୍ୟ ଫଳପ୍ରଦ ହେବା ଦିଗରେ ଆଶା ପ୍ରକଟ କରିଥିଲେ। ମୁଖ୍ୟ କିରାଣୀ ହରିଶ ହାନ୍‌ସଦା ଧନ୍ୟବାଦ ଅର୍ପଣ କରିଥିଲେ । ବ୍ଲକ ଅଧୀନ ଅତଲାପୁର, ଅର୍ଥଗାଁ, ବଡକଇଁଚି, ବାହାଦଲାପୁର ଆଦି ୪ ପଞ୍ଚାୟତର ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଆଶା, ଅଙ୍ଗନୱାଡି, ୱାର୍ଡସଭ୍ୟାସଭ୍ୟ, ସ୍ୱାସ୍ଥ୍ୟକର୍ମୀ, ଗୋ-ମିତ୍ର, କୃଷି କର୍ମଚାରୀ, ଏମ୍‌ବିକେ, ସିଆରପି, ଜିପିଏଲ୍‌ଏଫ୍‌ର ସଭାପତି, ସମ୍ପାଦିକା, ଶିକ୍ଷକ, ସିଆରସିସି, ଏସ୍‌ଇଏମ, ଗ୍ରାମ୍ୟ ପାନୀୟ ଜଳ କମିଟି ସଦସ୍ୟା,ସଦସ୍ୟ, ଉଦ୍ୟାନ କୃଷି କର୍ମଚାରୀ, ଏମ୍‌ଜିଏନଆରଇଜିଏସ୍‌ର ସହାୟିକା, ସହାୟକମାନେ ଯୋଗଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

### ଅଂଶ ଗ୍ରହଣ କଲେ ୪ ପଞ୍ଚାୟତର ୬୦ ପ୍ରତିନିଧି

# ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ

ପାଣିକୋଇଲି,୨୪।୭ (ବିକାଶ କୁମାର ମଲିକ):

ପାଣିକୋଇଲି ସରସ୍ୱତୀ ଶିଶୁ ମନ୍ଦିର ସଭାଗୃହରେ ଭାରତୀୟ ମଜଦୁର ସଂଘର ୬୯ତମ ପ୍ରତିଷ୍ଠା ଦିବସ ଜିଲା ସଭାପତି ବଟକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ରାଜ୍ୟ ଆଶା ସଂଘର ସହ ପ୍ରଭାରୀ ମୁକ୍ତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଜିଲା ସାଙ୍ଗଠନିକ ସମ୍ପାଦକ ପ୍ରସନ୍ନ ସାମଲ , ରାଜ୍ୟ ଆଶା ସଭାନେତ୍ରୀ ମମତା ମହାନ୍ତି, ଯାଜପୁର ଜିଲା ଆଶା ସଭାନେତ୍ରୀ ପୁଷ୍ପଲତା ରାଉତ, ସମ୍ପାଦିକା ସୁଷମା ରାଉତଙ୍କ ସମେତ ଜିଲାର ବିଭିନ୍ନ କ୍ଷେତ୍ରରୁ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସଂଘର ପ୍ରତିଷ୍ଠା ଦିବସରେ ସଙ୍ଗଠନକୁ ତୃଣମୂଳସ୍ତରରୁ ମଜବୁତ କରିବା ସହିତ ସଂଘର ଧ୍ୱଜା କିପରି ଚାରିଆଡ଼େ ଉଡ଼ିବ ଓ ଅଧିକରୁ ଅଧିକ ସଦସ୍ୟ ସଙ୍ଗଠନ ସହିତ ଯୋଡ଼ି ହେବେ ସେଥିପାଇଁ ସମସ୍ତେ ଶପଥ ନେବା ଲାଗି ପରାମର୍ଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୀତା ବେହେରା, ବବିତା ମଲିକ, ସାଗରିକା ମଲିକ, ପ୍ରମିଳା ଜେନା, ଅଖଜି ମଲିକ, ସମସର ବେଜମ, କଳ୍ପନା ନାୟକ, ପ୍ରମିଳା ଜେନା, ମନୋଜ ଜେନା, ବଳରାମ ରାଉତ, ପଦ୍ମଲୋଚନ ମଲିକ ପ୍ରମୁଖ ଯୋଗଦେଇଥିଲେ।



ମଜଦୁର ସଂଘର ପ୍ରତିଷ୍ଠା ଦିବସରେ କର୍ମକର୍ତ୍ତା ଓ ଅନ୍ୟମାନେ।

# ଟ୍ରକ ମାଲିକ ସଂଘ ପକ୍ଷରୁ ସ୍ମୃତିଚାରଣ ସଭା

ବଡ଼ଚଣା,୨୪।୭(ଦିଲ୍ଲୀପକୁମାରମହାନ୍ତି):

ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ପ୍ରତିଷ୍ଠାତା ସଭ୍ୟ ନିକଟସ୍ଥ କେହ୍ଲା ଗ୍ରାମର ଦିଲ୍ଲୀପ କୁମାର ସାହାଣୀଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଟ୍ରକ ମାଲିକ ସଂଘ ନିର୍ବାଚନ ପରିଚାଳନା କମିଟିର ଅଧକ୍ଷ ଶେଷଦେବ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସ୍ୱର୍ଗତ ସାହାଣୀଙ୍କୁ ଜଣେ ଭଦ୍ର, ନମ୍ର ଅମାୟିକ ତଥା ଦୃଢ଼ ସଙ୍ଗଠକ ଭାବେ ବକ୍ତାମାନେ ବର୍ଣ୍ଣନା କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ହେମନ୍ତ କୁମାର ସାମଲ, ଚିତ୍ତରଞ୍ଜନ ମହାପାତ୍ର, ପ୍ରମୋଦ କୁମାର ନାୟକ, ଲକ୍ଷ୍ମୀଧର ସାହାଣୀ, ପ୍ରଶାନ୍ତ କୁମାର ଜେନା, ଅଟଳ ଜେନା, ପୁଷ୍ପରାଜି ନାୟକ, ବିଜୟପାଲ ଯାଦବ, ସତ୍ୟବ୍ରତ ଖଣ୍ଡାଇ, ପ୍ରମୋଦ କୁମାର ବେହେରା, ଦେବରଞ୍ଜନ ସ୍ୱାଇଁ, କୀର୍ତ୍ତିରାଜ ସ୍ୱାଇଁ, ସୀତାନାଥ ସାହୁ, ଉମେଶ ଚନ୍ଦ୍ର ଜେନା, ତ୍ରୈଲୋକ୍ୟ ନାୟକ, ବୈକୁଣ୍ଠ ସ୍ୱାଇଁ, ବିନାୟକ ସାହୁ, ସଞ୍ଜିତ ବଳ, ବସନ୍ତ ନାୟକ, ତୁହିନାଂଶୁ ନାୟକ ପ୍ରମୁଖ ସ୍ୱର୍ଗତ ସାହାଣୀଙ୍କ ଗୁଣାବଳୀ ଉପରେ ଆଲୋକପାତ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।



ସ୍ମୃତିଚାରଣ ସଭାରେ ଯୋଗଦେଇଥିବା ସଂଘର କର୍ମକର୍ତ୍ତା ଓ ସଦସ୍ୟ ।

# ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ



ସମ୍ମିଳନୀରେ ଯୋଗଦେଇଥିବା ମହିଳା ।

ଯାଜପୁରରୋଡ଼,୨୪।୭(ପବିତ୍ର ମହାନ୍ତି):

ଯାଜପୁର ଜିଲା ବ୍ୟାସନଗର ପୌରାଞ୍ଚଳ ଅନ୍ତର୍ଗତ ମୁଣ୍ଡମାଳଠାରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ରବିବାର ୨୫ତମ ଜିଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମହିଳା ପାଠଚକ୍ରର ବୟୋଜ୍ୟେଷ୍ଠା ସଦସ୍ୟା ସାବିତ୍ରୀ ପ୍ରତିହାରୀଙ୍କ ଦ୍ୱାରା ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରାଯାଇଥିଲା । ଏହାପରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରମାନେ ମାର୍ଚ୍ଚପାଷ୍ଟ କରିଥିଲେ। ବ୍ୟାସନଗର ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ସଭ୍ୟା ରମା ବର୍ମନ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସାଧକ ତଥା ରାଜ୍ୟ ସଙ୍ଗଠକ ଅନାଦି ଚରଣ ସ୍ୱାଇଁ, ଜିଲା ସଙ୍ଗଠକ ବନମାଳୀ ଆଚାର୍ଯ୍ୟ ଏବଂ କୈଳାସ ଚନ୍ଦ୍ର କୁଅଁର, ସସ୍ମିତା ପୋଥାଳ, ଧରିତ୍ରୀ ରାଉତ ବକ୍ତା ଭାବେ ଯୋଗଦେଇ 'ଆଦର୍ଶ ପରିବାର' ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶ୍ରୀମା ଓ ଅରବିନ୍ଦଙ୍କ ଆଦର୍ଶକୁ ନେଇ ଯେଉଁ ପରିବାର ନିଜ ଘରେ ପାଠଚକ୍ରଟିଏ ଆରମ୍ଭ କରେ ସେହି ଘର ଆଦର୍ଶ ପରିବାର ହୋଇ ଉଠେ । ଏହି ଆଦର୍ଶ ପରିବାର ଗଢ଼ି ତୋଳିବାରେ ନାରୀର ଭୂମିକା ସର୍ବାଗ୍ରେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସମ୍ମିଳନୀରେ ଜିଲାର ଶତାଧିକ ମହିଳା ଯୋଗ ଦେଇଥିଲେ। ଏହି ଆଧ୍ୟାତ୍ମିକ ସମ୍ମିଳନୀକୁ ବ୍ୟାସନଗର ମହିଳା ପାଠଚକ୍ରର ସଭ୍ୟା ରଶ୍ମିତା ସାହୁ, ଗୀତାରାଣୀ ଜେନା, ସାବିତ୍ରୀ ପ୍ରତିହାରୀ, ମଣିମାଳା ସାହୁ, କଳ୍ପିତା ସାହୁ, ଅନ୍ନପୂର୍ଣ୍ଣା ନାୟକ, ଗୀତା ମଞ୍ଜରୀ ନାୟକ,ଦୀପ୍ତି ମହାନ୍ତି ଏବଂ ଅନ୍ୟମାନେ ପରିଚାଳନା କରିଥିଲେ। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ତ ଅପା,ଭାଇ ଏବଂ ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆରତୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ସାଧକ ଅନାଦି ଚରଣ ସ୍ୱାଇଁ ମାତୃ ପତାକା ଅବତରଣ କରିଥିଲେ ।

### ସିଂହପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ନିଯୁକ୍ତି ଦାବି

ସିଂହପୁର,୨୪।୭(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ସିଂହପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ନ ଥିବାରୁ ସ୍ୱାସ୍ଥ୍ୟସେବାରେ ସମସ୍ୟା ସୃଷ୍ଟି ହେଉଛି। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ୨ ବର୍ଷ ହେଲା ଲୋକାର୍ପଣ ହୋଇଛି। ବିନା ଡାକ୍ତର ଓ ଫାର୍ମାସିଷ୍ଟରେ ୨ବର୍ଷ ଚାଲିବା ପରେ ଗତ ମାସେ ହେଲା ଜଣେ ଡାକ୍ତର ନିଯୁକ୍ତି ପାଇଛନ୍ତି। ହେଲେ ଫାର୍ମାସିଷ୍ଟ ନିଯୁକ୍ତି ହୋଇ ନ ଥିବାରୁ ରୋଗୀ ସେବା ବ୍ୟାହତ ହେଉଛି। ନିଯୁକ୍ତି ପାଇଥିବା ଡାକ୍ତର ସପ୍ତାହରେ ୩ ଦିନ ବଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା କରୁଥିବାରୁ ଅଧିକାଂଶ ସମୟରେ ବହୁ ରୋଗୀ ତାଙ୍କ ସାକ୍ଷାତ ନ ପାଇ ଫେରୁଛନ୍ତି । ଖୁବ୍‌ଶୀଘ୍ର ଫାର୍ମାସିଷ୍ଟ ନିଯୁକ୍ତି ଦେବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଲୋକେ ଦାବି କରିଛନ୍ତି ।

# ଜଳସେଚନ ପଥ ସଫା ନ ହେଲେ ଆନ୍ଦୋଳନ

ବଡ଼ଚଣା,୨୪।୭(ଦିଲ୍ଲୀପ କୁମାର ମହାନ୍ତି):

କୃଷି, କୃଷକ ଓ କୃଷିକ୍ଷେତ୍ରର ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବହୁ ଯୋଜନା ପ୍ରଣୟନ କରି ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ତା'ର ସୁଫଳ ଚାଷୀମାନେ ପାଇପାରୁ ନାହାଁନ୍ତି । ହାଇଲେବଲ କେନାଲର ୧୧ନଂ. ସୋଠ ନିକଟରେ ତଥା ସୁଙ୍ଗୁଡ଼ା ଗ୍ରାମର ଗ୍ରାମଦେବତୀଙ୍କ ନିକଟରେ ଥିବା ଏକ ଜଳ ଯୋଗାଣ ପଥ ଦୀର୍ଘଦିନ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ପ୍ରତିବର୍ଷ ଚାଷୀମାନେ ଏହି ଜଳ ସେଚନ ପଥକୁ ପରିଷ୍କାର କରିବା ପାଇଁ ଦାବି କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି। ଉକ୍ତ ଜଳ ଯୋଗାଣ ପଥ ଉପରେ ସୁଙ୍ଗୁଡ଼ା ଗ୍ରାମର ପ୍ରାୟ ୧୦୦ ଏକର ଜମି ଚାଷ ପାଇଁ ନିର୍ଭର କରିଥାଏ। ବର୍ତ୍ତମାନ ସ୍ୱଳ୍ପ ବର୍ଷା ଓ ଜଳଯୋଗାଣ ପଥ ବନ୍ଦ ଯୋଗୁ ଏହି ଉପରୋକ୍ତ ଚାଷ ଜମି ପଡ଼ିଆ ପଡ଼ିଛି। ଏହି ସ୍ଥାନଟି ଖୋସାଲିପୁର ଜଳଯୋଗାଣ କାର୍ଯ୍ୟାଳୟଠାରୁ ମାତ୍ର ୨୦୦ମିଟର ଦୂରରେ ଥିଲେ ମଧ୍ୟ ଜଳସେଚନ ବିଭାଗର ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ନ ଦେବା ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ସୁଙ୍ଗୁଡ଼ା ଗ୍ରାମର ଚାଷୀମାନେ ୭ଦିନ ମଧ୍ୟରେ ଏହି ଜଳଯୋଗାଣ ପଥଟି ପରିଷ୍କାର ନ କଲେ ଚାଷୀମାନେ ଖୋସାଲିପୁର ଜଳସେଚନ ବିଭାଗ କାର୍ଯ୍ୟାଳୟ ଘେରାଉ କରିବା ସହିତ ଏ ସମ୍ପର୍କରେ ରାଜ୍ୟକୃଷି ମନ୍ତ୍ରୀ, କୃଷି ସଚିବ ଓ ଯାଜପୁର ଜିଲାପାଳଙ୍କୁ ଅବଗତ କରିବେ ବୋଲି କହିଛନ୍ତି।

# ବଡ଼ଚଣା ବିକାଶ ପରିଷଦର ବାର୍ଷିକ ଉତ୍ସବ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୪/୭ (ପ୍ରଦୀପ୍ତ କୁମାର ପୃଷ୍ଟି/ ଗିରିଜା ପ୍ରସାଦ ସାହୁ)



ବିକାଶ ପରିଷଦ ପକ୍ଷରୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଉଛି ।

ବଡଚଣା ବିକାଶ ପରିଷଦର ପ୍ରଥମ ବାର୍ଷିକ ଉତ୍ସବ ରବିବାର ବଡ଼ଚଣା ବ୍ଲକ ଅନ୍ତର୍ଗତ ନାନପୁରସ୍ଥିତ ସୂର୍ଯ୍ୟ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଚିନ୍ମୟ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ନିର୍ମଳା କୃତୀ ଟ୍ରଷ୍ଟର ଅଧକ୍ଷ ଇ. ଦିଲୀପ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ ଓ ଚାରା ରୋପଣ ଉପରେ ଗୁରୁତ୍ୱରୋପ କରିବାକୁ ସେ ସଙ୍ଗଠନର କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ବୈଜ୍ଞାନିକ ଡ.ପ୍ରଦୀପ କୁମାର ମିଶ୍ର ଯୋଗ ଦେଇ ସାମାଜିକ ସେବା ଓ ଆର୍ଥିକ ସ୍ତରରେ ନିମ୍ନରେ ଥିବା ସାଧାରଣ ମଣିଷ ପାଖରେ ପହଞ୍ଚି ସେମାନଙ୍କୁ ସେବା ଯୋଗାଇ ପାରିଲେ ପରିଷଦର ଲକ୍ଷ୍ୟ ପୂରଣ ହୋଇ ପାରିବ ବୋଲି ସେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଭାବେ ଆଶ୍ରିତର ମୁଖ୍ୟ ସମ୍ପାଦକ ଗୁରୁଚରଣ ଦାସ, ପ୍ରସନ୍ନ କୁମାର ମହଲା, ଅକ୍ଷୟ କୁମାର ସ୍ୱାଇଁ, ଶିକ୍ଷାବିତ୍ ରତ୍ନାକର ପଣ୍ଡା, ସ୍ୱେଚ୍ଛାସେବୀ ଅମରେନ୍ଦ୍ର ମହାପାତ୍ର, ଉପେନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ମୁଖ୍ୟ ସଂଯୋଜକ ଅଜୟ କୁମାର ବଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ପରିଷଦର ସାଧାରଣ ସମ୍ପାଦକ ସୁମନ୍ତ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିମାନଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା` ଧନ୍ୟବାଦ ପ୍ରଦାନ କରିଥିଲେ କବି ମାନସ ଚମ୍ପତି ରାୟ। କେଦାରେଶ୍ୱର ମିଶ୍ର ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ପୂର୍ତ୍ତ ବିଭାଗର ମନମୁଖି କାର୍ଯ୍ୟ ଯୋଗୁ ହୀନସ୍ତା

ବିଞ୍ଝାରପୁର,୨୪।୭(ରାମକୃଷ୍ଣ ଦାସ):

ବିଞ୍ଝାରପୁର ପୂର୍ତ୍ତ ବିଭାଗ ଅଧୀନ ଅରେଇ ଗୁହାଳି ରାସ୍ତା ନିର୍ମାଣରେ ଅନିୟମିତତା ହୋଇଛି । ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ହୀନସ୍ତା ଭୋଗୁଛନ୍ତି ଗ୍ରାମବାସୀ । ଢ଼ଳେଇ ରାସ୍ତା ଉପରେ କାଦୁଅ ଯୋଗୁ ପ୍ରତିଦିନ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ପ୍ରକାଶ ଯେ, ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ପୂର୍ତ୍ତ ବିଭାଗ ଅଧୀନ ଅରେଇଠାରୁ ଗୁହାଳି ପର୍ଯ୍ୟନ୍ତ ଢ଼ଳେଇ ରାସ୍ତା ନିର୍ମାଣ ସରିଛି । ଗୁହାଳି ଗ୍ରାମରେ ଏହି ରାସ୍ତା ନିର୍ମାଣରେ ତ୍ରୁଟି ଯୋଗୁ ରାସ୍ତା ଉପରେ କାଦୁଅ ଜମୁଛି ! ପାଖାପାଖି ୫ଶହ ମିଟର ରାସ୍ତା ଉପରେ ପାଣି କାଦୁଅ ଜମି ରହୁଛି । ଫଳରେ ଗ୍ରାମବାସୀଙ୍କ ସମେତ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନୂତନଭାବେ ନିର୍ମାଣ ହୋଇଥିବା ବିଞ୍ଝାରପୁର-ବୁଢାଘାଟ ନଦୀବନ୍ଧ ରାସ୍ତାକୁ ଅରେଇ-ଗୁହାଳି ରାସ୍ତା ସଂଯୋଗ କରୁଥିବାରୁ ପ୍ରତିଦିନ ଗୁହାଳି ଗ୍ରାମଦେଇ ଶତାଧିକ ଲୋକ ଯାତାୟାତ କରୁଛନ୍ତି । ରାସ୍ତା ଉପରେ କାଦୁଅ ଥିବାରୁ ବିଶେଷକରି ବାଇକ୍ ଚାଳକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ଏ ନେଇ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଗଣେଶ ଚନ୍ଦ୍ର ଧଳ, ଶୁଭ୍ରାଂଶୁ ମହଲ, ଦାମୋଦର ଧଳ, ପୂର୍ବତନ ସରପଞ୍ଚ ଶାନ୍ତନୁ ମଲିକ, ହିମାଂଶୁ ମହଲ, ବାବୁରାମ ମଲିକ, ବାବୁଲା ପରିଡା, ନଟବର ମଲିକ, ଶିବ ପ୍ରସାଦ ମିଶ୍ର, ରବୀନ୍ଦ୍ର ଜେନା, ମହେନ୍ଦ୍ର ବେହେରା, ପାଗଳ ନାଥଙ୍କ ସମେତ ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସିଦ୍ଧାର୍ଥ ଜେନାଙ୍କୁ ପଚାରିବାରୁ ବର୍ଷାପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ରାସ୍ତା ଉପରେ ପାଣି କାଦୁଅ ଜମୁଛି । ପୁନର୍ବାର ସେହି ରାସ୍ତା ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ! ଖୁବଶୀଘ୍ର ରାସ୍ତାକାମ ହେବ ବୋଲି ସେ କହିଛନ୍ତି ।



ରାସ୍ତାରେ ଜମି ରହିଥିବା କାଦୁଅ ।

## ସଂକ୍ଷେପରେ

### ବନ୍ଧପଡ଼ାରେ ପଲ୍ଲୀରେ ପ୍ରଶାସନ



ରାଜନଗର, ୨୪।୭ (ଭାସ୍କର ରାଉତରାୟ): ରାଜନଗର ବ୍ଲକ ବନ୍ଧପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପୁଷ୍ପଲତା ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ବିଡିଓ ନିଶାନ ମିଶ୍ର ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ଏଥିରେ ୧୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏହି ଅବସରରେ ତହସିଲଦାର ଶ୍ରୀ ଭୂୟାଁ ୨୯ଟି ପଟ୍ଟା ବଂଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି, ସମିତିସଭ୍ୟା ପୁଷ୍ପଲତା ସିଯ୍ୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିବେକାନନ୍ଦ ମଲ୍ଲିକ, ଜିଆରଏସ୍ ସମେତ ୱାର୍ଡ ସଭ୍ୟା ସଭ୍ୟମାନେ ପରିଚାଳନା କରିଥିଲେ।

### ୬ ଫୁଟର ନାଗସାପ ଉଦ୍ଧାର

କୁଜଙ୍ଗ,୨୪।୭ (ମନୋଜ ପ୍ରଧାନ) କୁଜଙ୍ଗ ବ୍ଲକ ଅନ୍ତର୍ଗତ କାଳିଆପାଟ ତାଳଦଣ୍ଡା ଗ୍ରାମର ବିଶ୍ୱମ୍ଭର ପଣ୍ଡାଙ୍କ ଘରୁ ସୋମବାର ଅପରାହ୍ନରେ ୬ ଫୁଟ ଲମ୍ବର ଏକ ଚମ୍ପାନାଗ ଉଦ୍ଧାର କରାଯାଇଛି। ନାଗ ସାପଟି ଘରଭିତରକୁ ପଶିଯାଇଥିବାର ଦେଖି ପଣ୍ଡାଙ୍କ ପରିବାର ସଦସ୍ୟ ଭୟଭୀତ ହୋଇଯାଇଥିଲେ। ଏନେଇ କୁଜଙ୍ଗର ସାପ ଧରାଳି ପ୍ରଭାତ ବେହେରାଙ୍କୁ ଖବର ଦେବାରେ ସେ ପହଞ୍ଚି ନାଗ ସାପକୁ ଧରି ଷଣ୍ଢକୁଦ ଜଙ୍ଗଲରେ ଛାଡ଼ି ଦେଇଛନ୍ତି।



# ଚାଷ ଜମି ଗୋଚର ଭୂଇଁ ପାଲଟିଛି

କୁଜଙ୍ଗ,୨୪।୭ (ମନୋଜ ପ୍ରଧାନ)

- ୭ ଶହ ୮୫ ହେକ୍ଟର ଜମିରେ ଖରୁଡି ତଳି ପଡ଼ିଛି
- ତଳମୁଣ୍ଡରେ ପହଞ୍ଚିପାରୁନି କେନାଲ ପାଣି
- ଗତ ବର୍ଷରୁ ୩୫ ପ୍ରତିଶତ କମ୍ ବର୍ଷା ହୋଇଛି

କୁଜଙ୍ଗ ବ୍ଲକରେ ଜୁଲାଇରେ ଯେଉଁ ଚାଷ ଜମିରେ ଧାନ ଗଛ ଲହଡି ମାରିବା କଥା ସେହି ଜମିରେ ଘାସ ବୁଦାମାନ ଶୋଭାପାଉଛି। ଶ୍ରାବଣ ମାସରେ ଗୋଚର ଭୂଇଁ ପାଲଟିଛି। କୃଷିବିଭାଗର ତଥ୍ୟାନୁଯାୟୀ, ବ୍ଲକରେ ମୋଟ ୧୦ ହଜାର ୫ଶହ ହେକ୍ଟର ଜମିରେ ଖରିଫ ଧାନଚାଷ ହୁଏ। ଏଥିପାଇଁ ୧ହଜାର ୨୫ ହେକ୍ଟର ଜମିରେ ତଳି ପଡ଼େ। ଚଳିତ ବର୍ଷ ଅଦ୍ୟାବଧି ୭ ଶହ ୮୫ହେକ୍ଟର ଜମିରେ ଖରୁଡି ତଳି ପଡ଼ିଥିବାବେଳେ ବାକି ୨ଶହ ୫୦ ହେକ୍ଟର ଜମିରେ କାଦୁଅ ତଥା ଅଛରା ତଳି ପଡ଼ିବା କଥା। ମାତ୍ର ବର୍ଷା ଅଭାବ ଯୋଗୁ ଏହା ପଡ଼ିପାରିନାହିଁ। ଅନ୍ୟପଟେ ଖାଲ ବିଲରେ ଡେଙ୍ଗା ଧାନଗଛ ପାଇଁ ତଳି ପଡ଼ିଥିବା ବେଳେ ୨୫ରୁ ୩୦ଦିନ ମଧ୍ୟରେ ଉଠିବା କଥା। ହେଲେ ବର୍ଷା ନ ହେବା ଯୋଗୁ ତଳିର ବୟସ ୪୫ ଦିନରୁ ଊର୍ଦ୍ଧ୍ୱ ହୋଇଥିଲେ ବି ଚାଷି ରୋଇପାରୁନାହାନ୍ତି।

ଗତବର୍ଷ ଜୁଲାଇ ୨୪ ସୁଦ୍ଧା ୪୪୨ ମିଲିମିଟର ବର୍ଷା ହୋଇଥିବା ବେଳେ ଚଳିତ ବର୍ଷ ଏହି ସମୟ ମଧ୍ୟରେ ମାତ୍ର ୨୯୨ ମିଲିମିଟର ବର୍ଷା ହୋଇଛି। ଯାହାକି ଗତ ବର୍ଷରୁ ପାଖପାଖି ୩୫ ପ୍ରତିଶତ କମ। ଅନ୍ୟପଟେ ଗତବର୍ଷ ଜୁଲାଇ ୨୦ରେ କେନାଲ ପାଣି ଚାଷୀଙ୍କ ନିକଟରେ ପହଞ୍ଚିବାବେଳେ ମାତ୍ର ଚଳିତ ବର୍ଷ ୨୪ ତାରିଖ ସୁଦ୍ଧା ପହଞ୍ଚି ପାରିନାହିଁ। ସେହିପରି କୁଜଙ୍ଗ ବ୍ଲକର ୮ ହଜାର ୫ଶହ ହେକ୍ଟର ଜମି ଜଳସେଚିତ ହୋଇଥିବାବେଳେ ବାସ୍ତବ କ୍ଷେତ୍ରରେ ତଳମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ। ଅପରପକ୍ଷେ ଚାଷୀ କିନ୍ତୁ ଜଳକର ଦେଇ ଚାଲିଛନ୍ତି। କେନାଲଗୁଡ଼ିକରେ ଜଳଧାରଣ, ପରିବହନ ଏବଂ ପ୍ରଦାନ କ୍ଷମତା କେତେ ତାହା ଦୀର୍ଘବର୍ଷ ହେବ ଜଳସମ୍ପଦ ବିଭାଗ ଦ୍ୱାରା ଆକଳନ କରାଯାଇନାହିଁ। ଏ ସମ୍ପର୍କରେ କୃଷି ବିଭାଗ ପକ୍ଷରୁ ବାରମ୍ବାର ଜଳ ସମ୍ପଦ ବିଭାଗକୁ ଜଣାଇଥିଲେ ମଧ୍ୟ ତଳ ମୁଣ୍ଡରେ ପାଣି ପହଞ୍ଚାଇବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ସହକାରୀ କୃଷି ଅଧିକାରୀ ପ୍ରଦୋଷ ବେହେରା କହିଛନ୍ତି। ଜଗତ୍‌ସିଂହପୁର ଜିଲାର ଅନ୍ୟ ବ୍ଲକରେ କୃଷି କାର୍ଯ୍ୟ ପାଇଁ ଭୂତଳ ଜଳ ବ୍ୟବହାର ହେଉଥିବାବେଳେ କୁଜଙ୍ଗ ବ୍ଲକରେ ଭୂତଳ ଜଳ ବ୍ୟବହାର ଉପଯୋଗ ହୋଇପାରୁନାହିଁ। ଜଳ ସମ୍ପଦ ବିଭାଗର ଉଦାସୀନତା ଯୋଗୁ ଚାଷୀ ହଇରାଣ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଆସନ୍ତା ଅଗଷ୍ଟ ପ୍ରଥମ ସପ୍ତାହ ସୁଦ୍ଧା ଯଦି ବର୍ଷା ନ ହୁଏ ତାହେଲେ ମରୁଡି ପରିସ୍ଥିତି ହେବାର ଆଶଙ୍କା ରହିଛି। ଏନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ପୂର୍ବରୁ ତଳମୁଣ୍ଡରେ ପାଣି ପହଞ୍ଚିବାବେଳେ ଚଳିତ ବର୍ଷ ମଧ୍ୟ ଏହି କାର୍ଯ୍ୟରେ କୌଣସି ଅସୁବିଧା ହେବ ନାହିଁ ବୋଲି ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ନରେନ୍ଦ୍ର ଜେନା କହିଛନ୍ତି।



ଚାଷ ଜମିରେ ଘାସ ଉଠିଯାଇଛି।

# ଯୁବକମାନଙ୍କୁ ପରିବେଶ ପଥ ପ୍ରଦର୍ଶକ ପ୍ରଶିକ୍ଷଣ ଶିବିର



ଭିତରକନିକା ଜାତୀୟ ଉଦ୍ୟାନରେ ଯୁବକମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ରାଜନଗର,୨୪।୭ (ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନକୁ କ୍ରମାଗତ ଭାବେ ଦେଶ ବିଦେଶର ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଭିତରକନିକାକୁ ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକ, ପ୍ରକୃତିପ୍ରେମୀ, ଗବେଷକ, ପରିବେଶବିତ ଓ ଛାତ୍ରୀଛାତ୍ରମାନଙ୍କୁ ଭିତରକନିକାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଜୈବ ବିବିଧତା, ଜଳବାୟୁ, ଜୀବ ଓ ଉଦ୍ଭିଦର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଆଦି ବିଷୟରେ ଜଣାଇବା ପାଇଁ ଇକୋ ଗାଇଡମାନଙ୍କର ଆବଶ୍ୟକତା ରହିଛି। ସ୍ଥାନୀୟ ଯୁବକମାନଙ୍କୁ ଇକୋ ଗାଇଡ ଭାବେ କର୍ମ ସଂସ୍ଥାନ ଯୋଗାଇ ଦେବା ପାଇଁ ଆଗ୍ରହୀ ଥିବା ଯୁବକମାନଙ୍କୁ ମୌଳିକ ପରିବେଶ, ପଥ ପ୍ରଦର୍ଶକ ପ୍ରଶିକ୍ଷଣ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଦିଆଯାଉଛି। ରାଜନଗର ବନଖଣ୍ଡ ବନ୍ୟପ୍ରାଣୀ ଡିଭିଜନ ଆନୁକୂଲ୍ୟରେ ବନ ବିଭାଗ ଓ ଜିଆଇଜେଡ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଭିତରକନିକା ଜାତୀୟ ଉଦ୍ୟାନର ବୋଟିଂ ପଏଣ୍ଟ, ଚାନ୍ଦବାଲି, ଖୋଲା, ଗୁପ୍ତି ଅଞ୍ଚଳର ୩୦ଜଣ ଯୁବକଙ୍କୁ ସୋମବାରଠାରୁ ୫ ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଗବେଷକ ପ୍ରସନ୍ନ କୁମାର ପରିଡା, ରେଞ୍ଜ ଅଫିସର ମାନସ କୁମାର ଦାସ ଓ ବରିଷ୍ଠ ବନ କର୍ମଚାରୀମାନେ ଯୁବକମାନଙ୍କୁ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ବୁଲାଇ ପ୍ରଶିକ୍ଷଣ ଦେଉଛନ୍ତି।

# ମଣିପୁର ହିଂସା ବିରୋଧରେ ପ୍ରତିବାଦ ଶୋଭାଯାତ୍ରା




ଗୋପାଳପୁରରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓ ବୈଷ୍ଣବ ଜେନା ମେମୋରିଆଲ ଟ୍ରଷ୍ଟର ସଦସ୍ୟମାନେ ପ୍ରତିବାଦ ଶୋଭାଯାତ୍ରା କରୁଛନ୍ତି।

ରଘୁନାଥପୁର, ୨୪।୭(ରାଜେନ୍ଦ୍ର ନାରାୟଣ ସିଂହ)

ମଣିପୁରରେ ଘଟିଯାଇଥିବା ହିଂସାକାଣ୍ଡ ଘଟଣାକୁ ବିରୋଧ କରି ସୋମବାର ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଗୋପାଳପୁରରେ ପ୍ରତିବାଦ ଶୋଭାଯାତ୍ରା କରାଯାଇଛି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓ ବୈଷ୍ଣବ ଜେନା ମେମୋରିଆଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଅଧକ୍ଷ ସୌଭାଗ୍ୟ ରଞ୍ଜନ ଜେନା ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ସଂସ୍ଥାର ସଦସ୍ୟମାନେ ଗ୍ରାମରେ ଏକ ଶୋଭାଯାତ୍ରା କରି ଘଟଣାକୁ ନିନ୍ଦା କରିଥିଲେ। ଏଥିସହ ଦୋଷୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ପାଇଁ ଦାବି କରିଛନ୍ତି। ଏହି ମର୍ମରେ ଏକ ଦସ୍ତଖତ ସମ୍ବଳିତ ଅନୁରୋଧପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। ଏଥିସହ ଶୋଭାଯାତ୍ରାକାରୀମାନେ ପ୍ରତ୍ୟେକ ଛକରେ ପଥପ୍ରାନ୍ତ ସଭାକରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ସଙ୍ଗୀତା ଦଳେଇ, ଶୁଭଲକ୍ଷ୍ମୀ ଜେନା, ଜ୍ୟୋତିର୍ମୟୀ ଜେନା, ସୁବ୍ରତ ମଲ୍ଲିକ, ସୌମ୍ୟରଞ୍ଜନ ଜେନା ଓ ଆଦିତ୍ୟ ଜେନାଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

# କ୍ଷେତରେ ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ

ବୈଶିଙ୍ଗା,୨୪।୭(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡଦେଉଳିଆ ପଞ୍ଚାୟତ ବାଳିଆପିଟା ଗ୍ରାମରେ ଚାଷ କ୍ଷେତରେ ସୁଶାନ୍ତ ସିଂ ନାମକ ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସୋମବାର ଚାଷଜମିରୁ ତାଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ଚାଷ କାର୍ଯ୍ୟ ପାଇଁ ବିଲକୁ ଯାଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୧/୨୩) ରୁଜୁ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି।

# ତମାଖୁ ମୁକ୍ତ ଅଭିଯାନ : ୨୦୫୦ ଟଙ୍କା ଜରିମାନା ଆଦାୟ

ଏରସମା, ୨୪।୭(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏରସମା ବ୍ଲକ ମୁଖ୍ୟାଳୟରେ ଥିବା ବିଦ୍ୟାଳୟ ନିକଟସ୍ଥ ଅଞ୍ଚଳକୁ ତମାଖୁମୁକ୍ତ କରିବା ପାଇଁ ସୋମବାରଠାରୁ ଅଭିଯାନ ଆରମ୍ଭ ହୋଇଛି। ଏନ୍‌ଟିସିପି(ନ୍ୟାଶନାଲ ଟବାକୋ କଣ୍ଟ୍ରୋଲ ପ୍ରୋଗ୍ରାମ) ପକ୍ଷରୁ ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରୀତିଶ ଦାସ, ଜିଲା ଡ୍ରଗ୍ସ ଇନ୍ସପେକ୍ଟର(ଭେଷଜ ନିରୀକ୍ଷକ)ମନସ୍ୱିନୀ ବିଶ୍ୱାଳ, ଜିଲା ଅବକାରୀ ବିଭାଗ ଏଏସ୍‌ଆଇ ହିମାଂଶୁ ନାୟକ, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇଥିଲେ। ସେମାନେ ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ସହ ଜପା ପଞ୍ଚାୟତ ମୁଖ୍ୟାଳୟସ୍ଥିତ ଗାଦିବ୍ରହ୍ମ ବିଦ୍ୟାପୀଠ ନିକଟସ୍ଥ ବିଭିନ୍ନ ଦୋକାନ ବଜାର ଉପରେ ଯୁଗ୍ମଭାବେ ଚଢ଼ାଉ କରିଥିଲେ। ସିଗାରେଟ୍ ଆଣ୍ଡ ଅଦର ଟବାକୋ ପ୍ରଡକ୍ଟ ଆକ୍ଟ(ସିଓଟିପିଏ) ଅନୁସାରେ ବିଦ୍ୟାଳୟର ଛାତ୍ରୀଛାତ୍ର ଚଳପ୍ରଚଳ ହେଉଥିବା ସ୍ଥାନରେ ବେଆଇନ ଭାବରେ ତମାଖୁ ବିକ୍ରି କରୁଥିବା ଅଭିଯୋଗରେ ୧୧ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇ ୨୦୫୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସରକାରଙ୍କ ଟବାକୋ ନିୟନ୍ତ୍ରଣ ଆଇନ ଅନୁସାରେ, ବିଦ୍ୟାଳୟର ୨୦୦ ମିଟର ବ୍ୟାସାର୍ଦ୍ଧ ମଧ୍ୟରେ କୌଣସି ନିଶାଦ୍ରବ୍ୟ ବିକ୍ରି କରାଯିବା ଉପରେ ନିଷେଧାଦେଶ ଜାରି କରାଯାଇଛି।



ଏନ୍‌ଟିପିସି ପକ୍ଷରୁ ଚଢ଼ାଉ କରାଯାଉଛି।

# ଆକର୍ଷଣ ସାଜିବ ଶିଳ୍ପ ସଂସ୍ଥାଙ୍କ ପ୍ରଜ୍ଞାପନ ମେଢ଼

ଜଗତ୍‌ସିଂହପୁର, ୨୪।୭ (ପ୍ରମୋଦ କୁମାର ନାୟକ)

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁହାଯାଇଥିଲା ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ହେବାକୁ ଥିବା ଉତ୍ସବରେ ଏଥର ବିଭିନ୍ନ ବିଭାଗ ଓ ପାରାଦୀପରେ ଥିବା ପ୍ରମୁଖ ଶିଳ୍ପ ସଂସ୍ଥାଗୁଡିକର ପ୍ରଜ୍ଞାପନ ମେଢ଼ ମୁଖ୍ୟ ଆକର୍ଷଣ ସୃଷ୍ଟି କରିବ। ଏଥିସହ ପରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମନୋରମ ହେବ। ପ୍ରତ୍ୟେକ କାର୍ଯ୍ୟାଳୟରେ ନୂତନ ପତାକା ବ୍ୟବହାର କରି ପତାକା ଉତ୍ତୋଳନ କରାଯିବ। ଏହିଦିନ ପୂର୍ବାହ୍ନ ୪ଟା ୩୦ରେ ରାମଧୁନ, ୬ଟାରେ ପ୍ରଭାତଫେରି, ୭ଟା ୩୦ରେ ବିଭିନ୍ନ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପୂର୍ବାହ୍ନ ୯ଟା ୧୫ରେ ଜିଲାସ୍ତରୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜେଲ୍‌ର ଅନ୍ତେବାସୀ ଓ ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଫଳ ବଣ୍ଟନ କରାଯିବ। ପରେଡ୍ ପରେ ଷ୍ଟାଡିୟମରେ ଚାରା ରୋପଣ କରାଯିବ। ତା' ପୂର୍ବରୁ ଅର୍ଥାତ୍ ଅଗଷ୍ଟ ୧୧, ୧୨ ଅପରାହ୍ନ ୩ଟା ଓ ୧୩ ତାରିଖ ସକାଳ ୭.୩୦ରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହେବ। ଏଥିରେ କେବଳ ଅଷ୍ଟମରୁ ଦଶମ ଶ୍ରେଣୀ ଓ କଲେଜ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ପ୍ରଥମରୁ ତୃତୀୟ, ଚତୁର୍ଥରୁ ପଞ୍ଚମ, ଷଷ୍ଠରୁ ଅଷ୍ଟମ, ହାଇସ୍କୁଲ ଓ କଲେଜସ୍ତରରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗିତା ବ୍ଲକ ଏବଂ ପୌର ପରିଷଦ ମଧ୍ୟରେ ଅଗଷ୍ଟ ୭ରେ ଓ ଜିଲାସ୍ତରରେ ୧୦ ତାରିଖରେ ଅନୁଷ୍ଠିତ ହେବ। ପରେଡ୍ ପଡ଼ିଆରେ ଅନୁଷ୍ଠିତ ହେବାକୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଜିଲା ଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟ ମଧ୍ୟରେ ପ୍ରତିଯୋଗିତା କରି ୪ଟି ସାଂସ୍କୃତିକ ଦଳକୁ ବାଛିବେ। ସ୍ୱାଧୀନତା ଦିବସ ସନ୍ଧ୍ୟାରେ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ସ୍ଥାନୀୟ ଅନୁଷ୍ଠାନଗୁଡିକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବୈଠକରେ ଜିଲାପାଳ ପାରୁଲ ପଟାୱରି ପୌରୋହିତ୍ୟ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ମନୋଜ ଭୋଇ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜୟନ୍ତ କୁମାର ମହାପାତ୍ର, ଉପ ଆରକ୍ଷୀ ଅଧୀକ୍ଷକ ମନୋରଞ୍ଜନ ଚୌଧୁରୀ, ଜିଲା ସଂସ୍କୃତି ଅଧିକାରୀ, ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ସାଧାରଣ ଜନତା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଓ ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି ଧନ୍ୟବାଦ ଦେଇଥିଲେ।



ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

# ସବୁଜ ବନାନୀ ପରିବେଶର ସୁରକ୍ଷା କବଚ

## ଜିଲା କୃଷକ ସଙ୍ଗଠନ ପକ୍ଷରୁ ଚାରାରୋପଣ

ରଘୁନାଥପୁର,୨୪।୭(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଗୋଠଣାସ୍ଥିତ ଶଙ୍କର ସରକାରୀ ଉପ୍ରା ବିଦ୍ୟାଳୟରେ ଜଗତସିଂହପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ଗୋବିନ୍ଦ ଜେନା ଓ ସମ୍ପାଦକ ଇଂ.ବାବାଜୀ ଚରଣ ଜେନା ବିଦ୍ୟାଳୟରେ ପହଞ୍ଚି ଚାରାରୋପଣ କରିବା ସହ ଏହାର ଉଦ୍ଦେଶ୍ୟ ଓ ଭବିଷ୍ୟତ ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। ପରିବେଶର ସୁରକ୍ଷା ସହ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି କୃଷକ ସଙ୍ଗଠନ ଏହି କାର୍ଯ୍ୟକ୍ରମକୁ ହାତକୁ ନେଇଛି ବୋଲି ସମ୍ପାଦକ ବାବାଜୀ ଚରଣ କହିଛନ୍ତି। ସବୁଜ ବନାନୀ ପରିବେଶ ପାଇଁ ସୁରକ୍ଷା କବଚ ବୋଲି ସଙ୍ଗଠନ ସଭାପତି ଗୋବିନ୍ଦ ପ୍ରକାଶ କରିଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ବନ ସଂରକ୍ଷଣ ବିଭାଗ ଆନୁକୂଲ୍ୟରେ ଇଚ୍ଛୁକ ଥିବା ପ୍ରତ୍ୟେକ ଅନୁଷ୍ଠାନ, ଯୁବକ ସଂଘ ଓ ବ୍ୟକ୍ତି ବିଶେଷଙ୍କୁ ୧୦ଟି ଲେଖାଏ ମୂଲ୍ୟବାନ ଚାରା ଯୋଗାଇ ଦିଆଯିବ ବୋଲି ସଙ୍ଗଠନ ସଭାପତି ଗୋବିନ୍ଦ ପ୍ରକାଶ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦ ସଭାପତି ଅଜୟ ନାୟକ ପୌରୋହିତ୍ୟ କରିଥିଲେ। ପ୍ରଧାନଶିକ୍ଷକ ଶେଖ ଅବଦୁଲ ଫାରୁକ, ଶିକ୍ଷକ ଦେବାଶିଷ ବେହେରା ଓ ପ୍ରକାଶ ସ୍ୱାଇଁଙ୍କ ସହ ସମସ୍ତ ଶିକ୍ଷକମାନେ ଏଥିରେ ସହଯୋଗ କରିଥିଲେ।



# ଯୁଗ୍ମ ଜନ ଶୁଣାଣି ଶିବିରରେ ୧୦୪ ଅଭିଯୋଗ

ବାଲିକୁଦା,୨୪।୫(ତାପସ ସ୍ୱାଇଁ)

- ୨୧ଟି ତତ୍କାଳ ସମାଧାନ
- ୧୬ ଗୋଷ୍ଠୀଗତ, ୮୮ ବ୍ୟକ୍ତିଗତ ଅଭିଯୋଗ ପଞ୍ଜୀକୃତ

ବାଲିକୁଦା ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା କକ୍ଷରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୦୪ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ମାତ୍ର ୨୧ଟିର ତତ୍କାଳ ସମାଧାନ ହୋଇଥିଲା। ଜିଲାପାଳ ପାରୁଲ ପଟାୱରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ, ଏସ୍‌ପି ରାହୁଲ ପି.ଆର, ବିଡିଓ ଜିତେନ୍ଦ୍ର ନାୟକ, ତହସିଲଦାର ଅଂଶୁମାନ ଶତପଥୀ, ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କ ଅଭିଯୋଗଗୁଡ଼ିକୁ ଶୁଣି ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗଗୁଡ଼ିକ ମଧ୍ୟରେ ଗୋଷ୍ଠିଗତ ୧୬ ଓ ୮୮ଟି ବ୍ୟକ୍ତିଗତ ଥିଲା। ଏସବୁ ମଧ୍ୟରେ ଆବାସ ଯୋଜନା, ଖାଉଟି ସାମଗ୍ରୀ, ଭତ୍ତା, ଜମିଜମା, ରେଡ୍‌କ୍ରସ ସହାୟତା, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା, ପୋଲିସ ସହାୟତା ଓ ଅନ୍ୟାନ୍ୟ ଅଭିଯୋଗ ରହିଥିଲା। ଜନଶୁଣାଣି ଶିବିର ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଚାର ପ୍ରସାର ନ ହେବା କାରଣରୁ ଅଭିଯୋଗକାରୀ ଏହାର ସୁଯୋଗ ପାଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।



ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ଶାରଳା ସମବାୟ ସୂତାକଳ ଜମି ହସ୍ତାନ୍ତର ଲାଗି ଉଦ୍ୟମ

ତିର୍ତ୍ତୋଲ, ୨୪।୭ (ଗୌରାଙ୍ଗ ଚରଣ ସ୍ୱାଇଁ)

- ପ୍ରଶାସନିକ ଅନୁଧ୍ୟାନ କରି ଦଳର ପରିଦର୍ଶନ
- ଅଗଷ୍ଟ ୪ ପୂର୍ବରୁ ସରକାରଙ୍କୁ ଦେବେ ରିପୋର୍ଟ

ତିର୍ତ୍ତୋଲ ବ୍ଲକ ନାଉସିରାସ୍ଥିତ ଶାରଳା ସମବାୟ ସୂତାକଳ ଜମି ହସ୍ତାନ୍ତର ଲାଗି ଉଦ୍ୟମ ଚାଲିଛି। ଏନେଇ ପ୍ରଶାସନିକସ୍ତରରେ ଏକ ଅନୁଧ୍ୟାନକାରୀ ଦଳ ସୋମବାର ସୂତାକଳ ପରିଦର୍ଶନ କରି ସ୍ଥାନୀୟ ଲୋକ ପ୍ରତିନିଧି ଓ ଜନସାଧାରଣଙ୍କ ସହ ଆଲୋଚନା କରି ଫେରିଛନ୍ତି। ଅଗଷ୍ଟ ୪ ତାରିଖ ପୂର୍ବରୁ ଏହି ଟିମ୍ ସୂତାକଳର ସ୍ଥିତି ଓ ଜମି ହସ୍ତାନ୍ତର ପ୍ରକ୍ରିୟା ବାବଦରେ ଯାହା ଅନୁଧ୍ୟାନ କଲେ ସେସମ୍ପର୍କରେ ସରକାରଙ୍କୁ ରିପୋର୍ଟ ଦେବେ। ଗତ ଜୁନ୍ ୩୦ରେ ୫-ଟି ସଚିବଙ୍କ ଜଗତ୍‌ସିଂହପୁର ଜିଲା ଗସ୍ତ ସମୟରେ ଏହି ସୂତାକଳ ଜମିରେ ଏକ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ନିର୍ମାଣ ଲାଗି ସ୍ଥାନୀୟ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର ଏକ ଦାବିପତ୍ର ଦେଇଥିଲେ। ଏହାପରେ ଜିଲା ପ୍ରଶାସନ ତରଫରୁ ଏକାଧିକ ବାର ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଅନ୍ୟମାନେ ଏଠାକୁ ଆସି ଏସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ। ସରକାରଙ୍କ ତରଫରୁ ଏହି ଜମିକୁ ଉନ୍ନୟନ ମୂଳକ ଓ ସ୍ଥାନୀୟ ଜନସାଧାରଣଙ୍କୁ ନିଯୁକ୍ତି ପ୍ରଦାନ କଲାଭଳି ସଂସ୍ଥା ହାତରେ ଅର୍ପଣ କରାଯିବ ବୋଲି ଟିମ୍ ସୂଚନା ଦେଇଛନ୍ତି। ଏହି ଅବସରରେ ସୂତାକଳ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ଜଗତ୍‌ସିଂହପୁର ଜିଲାପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ଜିଲା ପରିଷଦ ସଭ୍ୟ ସୁନୀଲ କୁମାର ବେହେରା, ସ୍ଥାନୀୟ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ସମିତିସଭ୍ୟ ପ୍ରବୀର ରାୟଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ପ୍ରଶାସନ ତରଫରୁ ବୟନ ବିଭାଗର ବୈଷୟିକ ସହାୟକ ମନୋରଞ୍ଜନ ନାଥ, ସ୍ପିନଫେଡର ଲିକୁଲେଟର ରତନମୟ ବେହେରା, ପାର୍ବତୀ ପାୱାର ଲୁମର ଲିକୁଲେଟର ତାରିଣୀ ପ୍ରସାଦ ଛାଟୋଇ, ସିକ୍ୟୁରିଟି ଅଫିସର ଲକ୍ଷ୍ମୀଧର ରଣା, ସାମାଜିକ କର୍ମୀ ବିବେକାନନ୍ଦ ହୋତା, ସୁରେନ୍ଦ୍ର ମହାପାତ୍ର, ପୂର୍ବତନ କର୍ମଚାରୀ ରୋହିତ କୁମାର ସେଠୀ ନରେଶ ମହାପାତ୍ର, ନୃସିଂହ ସ୍ୱାଇଁ ଉପସ୍ଥିତ ଥିଲେ।



ବୈଠକରେ ପ୍ରଶାସନିକ ଅନୁଧ୍ୟାନ ଟିମ୍ ଓ ସ୍ଥାନୀୟ ଅଞ୍ଚଳର ଲୋକପ୍ରତିନିଧି ଓ ଅନ୍ୟମାନେ ଯୋଗଦେଇଛନ୍ତି।

## ସଂକ୍ଷେପରେ

### ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ

ଫୁଲବାଣୀ, ୨୪ା୭(ରାକେଶ କୁମାର ରାଉତ):ଭାରତୀୟ ମଜଦୁର ସଂଘ(ବିଏମଏସ)ର ପ୍ରତିଷ୍ଠା ଦିବସ ସ୍ଥାନୀୟ ହାଟପଦାସ୍ଥିତ ମା' ନାରାୟଣୀଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ଅଶୋକ ପରିଡା ଏଥିରେ ପୌରୋହିତ୍ୟ କରିଥିଲେ । ଶ୍ରମିକ ମାନଙ୍କୁ ସର୍ବନିମ୍ନ ମଜୁରୀ ନୁହେଁ, ଅନ୍ୟମାନଙ୍କ ଭଳି ସୁଖ ସ୍ୱାଛନ୍ଦରେ ବଞ୍ଚିବା ଭଳି ମଜୁରୀ ଦେବାକୁ ଦାବି କରାଯାଇଥିଲା। ସେହିପରି ଆଉଟ ସୋର୍ସିଂ ଓ ଠିକାଦାର ପ୍ରଥା ଉଚ୍ଛେଦ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ପାତ୍ର ବକ୍ତା ଭାବେ ଯୋଗଦେଇ ବିଏମ୍ଏସ୍ର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କନ୍ଧମାଳ ଜିଲା ଯୋଗାଣ ଅଧିକାରୀ ଅନାଥ ଚରଣ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମ ନୀତି ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଘ ଚାଳକ ରମେଶ ସାହୁ, କନ୍ଧମାଳ ମିଡିଆ ଫୋରମର ସଭାପତି ସନ୍ତୋଷ କୁମାର ଦିଗାଲ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଶ୍ରମିକ ମାନଙ୍କ ସମସ୍ୟା ସହିତ ଗଣମାଧ୍ୟମ ସବୁବେଳେ ରହିଛି ବୋଲି କହିଥିଲେ। ଏହି ଅବସରରେ ଶ୍ରମିକ ନେତା ବିନୋଦ ନାୟକ, ରବୀନ୍ଦ୍ର ବେହେରା ଓ ବ୍ରହ୍ମାନନ୍ଦ ବେହେରା ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକାରୀ ସଭାପତି ଗୋପାଳ ବେହେରା ଧନ୍ୟବାଦ ଦେଇଥିଲେ।

### ବିନା ପୋଷ୍ଟ ମାଷ୍ଟରରେ ଚାଲିଛି ଡାକସେବା, ନିଯୁକ୍ତି ଦାବି

ଶେରଗଡ଼,୨୪ା୭(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ଡାକଘର ଉପରେ ଆଖପାଖ ୧୨ ଖଣ୍ଡ ପଞ୍ଚାୟତର ୬୦ ଖଣ୍ଡ ଗ୍ରାମର ଲୋକେ ଭରସା କରନ୍ତି। ଏହି ଡାକଘର ଏବେ ପ୍ରାୟ ମାସେ ହେଲେ ଅବ୍ୟବସ୍ଥା ଘେରରେ ରହିଛି। କାରଣ ଉକ୍ତ ଡାକଘର ଚଳାଉଥିବା ପୋଷ୍ଟମାଷ୍ଟରଙ୍କ ବଦଳି ହୋଇଯାଇଛି। କେବଳ ଦୁଇଜଣ କିରାଣିରେ ଡାକଘର ଚାଲିଛି। ଜମା ଖାତା ଖୋଲିବା, ଡାକ ନେଣଦେଣ, ରେଜିଷ୍ଟ୍ରି ସହିତ ୧୨ଟି ଶାଖାର ସୁବିଧା ଅସୁବିଧା ବୁଝିବା ମୁସ୍କିଲ ହୋଇପଡୁଛି। ପ୍ରତିଦିନ ଗ୍ରାହକମାନେ ସେବା ବିଳମ୍ବରେ ପାଉଛନ୍ତି। ଇଣ୍ଟରନେଟ୍ କଥା କହିଲେ ନ ସରେ। ବିଜୁଳି ଚାଲିଗଲେ ଜେନେରେଟର ବ୍ୟବସ୍ଥା ନାହିଁ। ଏ ନେଇ ଆସିକା ସୁପରିଟେଣ୍ଡେଣ୍ଟଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି। ଏଣୁ ତୁରନ୍ତ ଜଣେ ପୋଷ୍ଟ ମାଷ୍ଟର ନିଯୁକ୍ତି ସହ ଆନୁଷଙ୍ଗିକ ବ୍ୟବସ୍ଥା ସଜାଡିବାକୁ ସାଧାରଣରେ ଦାବି ହେଉଛି।

### ଘାସ ମରା ଔଷଧ ଖାଇ ମହିଳାଙ୍କ ମୃତ୍ୟୁ

ଫିରିଙ୍ଗିଆ,୨୪ା୭(ବିକ୍ରମ ଦିଗାଲ):ଫିରିଙ୍ଗିଆ ବ୍ଲକ ଉପରପାଙ୍ଗା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଳା ଗ୍ରାମରେ ଘାସ ମରା ଔଷଧ ଖାଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ମାଳା ଗ୍ରାମର ବିକ୍ରମ ଦିଗାଲଙ୍କ ସ୍ତ୍ରୀ ଶାମୁଖା (୪୫)। ରବିବାର ମହିଳା ଜଣକ ବିଷାକ୍ତ ଘାସମରା ଔଷଧ ଖାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଫିରିଙ୍ଗିଆ ଡାକ୍ତଖାନାକୁ ନେଇ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଥିଲେ। ସେଠାରେ ସୋମବାର ମହିଳାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ମୃତକଙ୍କ ବାପା ଫିରିଙ୍ଗିଆ ଥାନାରେ ଅଭଯୋଗ କରିଛନ୍ତି। ପୋଲିସ ନଂ. ୮/୨୩ରେ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଶିକ୍ଷା ପ୍ରଦାନ ନାଁରେ ଶୋଷଣ, ଅନ୍ଧାରରେ ପିଲାଙ୍କ ଭବିଷ୍ୟତ



କଲେଜ ସମ୍ମୁଖରେ ଅଭିଯୋଗ କରୁଥିବା ଛାତ୍ର ଓ ଅଭିଭାବକମାନେ ଠିଆ ହୋଇଛନ୍ତି।

ପାରଳାଖେମୁଣ୍ଡି/କାଶୀନଗର (ଗିରିଧାରୀ ପରିଛା/ଟି.କ୍ରିଷ୍ଣା ରାଓ), ୨୪ା୭:

ଗଜପତି ଜିଲା କାଶୀନାଗର ବ୍ଲକର ଖାରଡା ଗ୍ରାମରେ ଥିବା କବି ଗୋପାଳକୃଷ୍ଣ କନିଷ୍ଠ ମହାବିଦ୍ୟାଳୟରେ ଶିକ୍ଷା ପ୍ରଦାନ ନାଁରେ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଏଠାରେ ଅଧ୍ୟୟନ କରୁଥିବା ଛାତ୍ରଙ୍କୁ +୨ ପାସ୍ ପରେ ସାର୍ଟିଫିକେଟ ଦିଆଯାଉନଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ସେମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଅନେକଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଥିବା ଅଭିଯୋଗ କରିଛନ୍ତି କେତେକ ଛାତ୍ର ଓ ଅଭିଭାବକ। ଏ ନେଇ କଲେଜର ଅଧ୍ୟକ୍ଷ, ସମ୍ପାଦକ ତଥା ପ୍ରତିଷ୍ଠାତା ରାମଚନ୍ଦ୍ର ଦଳାଇ କହିଛନ୍ତି, ଗତବର୍ଷ ମୋହନା ଗ୍ରାମର ସସ୍ମିତ ମିଶ୍ର ନାମ ଲେଖାଇବା ସମୟରେ ଆବଶ୍ୟକୀୟ ପ୍ରମାଣପତ୍ର ପ୍ରଦାନ କରିନାହାନ୍ତି। ଚାରିଦିନ ପରେ ପ୍ରମାଣପତ୍ର ଦେଇଥିଲେ। ତାଙ୍କ ସାର୍ଟିଫିକେଟ ଥାନାରେ ହସ୍ତାନ୍ତର କରିଛୁ ବୋଲି ସଫେଇ ଦେଇଛନ୍ତି । ଏ ନେଇ କାଶୀନଗର ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି, ଛାତ୍ରଛାତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି କଲେଜ କର୍ତ୍ତୃପକ୍ଷ ରାମଚନ୍ଦ୍ର ଦଳାଇଙ୍କ ନାମରେ ୮୯/୨୩ରେ ଏକ ମାମଲା ରୁଜୁ ହୋଇଛି। ଦୁଇଟି ଓରିଜିନାଲ ସାର୍ଟିଫିକେଟ ଜବତ କରିବା ସହ ଘଟଣାର ତଦନ୍ତ ଚାଲିଛି।

ସାର୍ଟିଫିକେଟ, ମାର୍କସିଟ କଲେଜ କର୍ତ୍ତୃପକ୍ଷ ଦେଉନଥିବା ଅଭିଯୋଗରେ ଅଧ୍ୟକ୍ଷ କହିଛନ୍ତି, ଆମ କଲେଜରେ ନାମ ଲେଖାଉଥିବା ଛାତ୍ରଛାତ୍ରୀ କଲେଜ ଛାତ୍ରାବାସରେ ରହିବାକୁ ବାଧ୍ୟ। ଯେଉଁ ପିଲାଙ୍କ ସାର୍ଟିଫିକେଟ ମିଳିନି କହୁଛନ୍ତି ସେହି ଛାତ୍ରୀଛାତ୍ର ଛାତ୍ରାବାସରେ ରହିବା ବାବଦକୁ ବାର୍ଷିକ ୨୦ ହଜାର ଟଙ୍କା ଫି' ପଇଠ କରିନାହାନ୍ତି। ତେଣୁ ସେମାନଙ୍କ ସାର୍ଟିଫିକେଟ ପୋଲିସକୁ ହସ୍ତାନ୍ତର କରାଯିବ। କଲେଜର ଭିତ୍ତିଭୂମିକୁ ନେଇ କହିଛନ୍ତି, ସେ ସରକାରଙ୍କ ସମସ୍ତ ନିୟମକୁ ମାନିଛନ୍ତି। ପୂର୍ବରୁ କଲେଜର ଅନ୍ୟ ଏକ କୋଠା ରହିଥିଲା, ଯାହା ଏବେ ଭାଙ୍ଗିରୁଜି ଯାଇଛି । ତଥାପି ଗ୍ରାମାଞ୍ଚଳରେ ୧୨୦ ଛାତ୍ରଙ୍କ ବସିବା ସୁବିଧା ଥିବା କୋଠା ଥିଲେ ଯଥେଷ୍ଟ ଯାହା ସରକାରୀ ନିୟମ ରହିଛି । ଯଦି କାହାର ଭିତ୍ତିଭୂମି ନେଇ କିଛି ଆପତ୍ତି ରହିଛି ତେବେ ସେମାନେ କୋର୍ଟର ଆଶ୍ରୟ ନେଇପାରିବେ ବୋଲି ରୋକଠୋକ କହିଛନ୍ତି। ଜିଲା ମୁଖ୍ୟ ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ଦାସ କହିଛନ୍ତି, ଗତବର୍ଷ ଏଭଳି ଅଭିଯୋଗ କ୍ରମେ ତଦନ୍ତ କରି ମାଧ୍ୟମିକ ଶିକ୍ଷାବୋର୍ଡ଼କୁ କଲେଜର ଭିତ୍ତିଭୂମି ଅଭାବ, ପିଲାଙ୍କ ସମସ୍ୟା ନେଇ ଅବଗତ କରାଯାଇଥିଲା। ପୁଣିଥରେ ଚଳିତ ବର୍ଷ ପିଲାଙ୍କ ଅଭିଯୋଗ ଅନୁସାରେ ତଦନ୍ତ କରି ମାଧ୍ୟମିକ ଶିକ୍ଷାବୋର୍ଡ଼କୁ ରିପୋର୍ଟ ପଠାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ୨୦୧୩ ଅଗଷ୍ଟ ୧୫ରେ ଏହି କଲେଜକୁ ତତ୍କାଳୀନ ଜିଲାପାଳ ବାସୁଦେବ ବାହିନୀପତି ଉଦ୍‌ଘାଟନ କରିଥିଲେ।

# ମଣିପୁର ହିଂସା ରୋକିବାକୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର




ସଂଘ ସଦସ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଫୁଲବାଣୀ,୨୪ା୭(ରାକେଶ କୁମାର ରାଉତ)

ନିକଟରେ ମଣିପୁରରେ ଦୁଇ ଜଣ ମହିଳାଙ୍କୁ ଗଣ ବଳାତ୍କାର କରିବା ପରେ ଉଲଗ୍ନ କରି ରାସ୍ତାରେ ଚଲାଇବା ଘଟଣା ସାରା ଦେଶକୁ ସ୍ତବ୍ଧ କରି ଦେଇଛି। ସଭ୍ୟ ସମାଜରେ ଏଭଳି ବର୍ବରକାଣ୍ଡ ଘଟଣାକୁ ନେଇ ଚାରିଆଡେ ନିନ୍ଦା କରାଯାଉଛି। ସରକାର ସେଠାରେ ହିଂସା ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ମହିଳାଙ୍କୁ ବଞ୍ଚାଇବା, ମଣିଷପଣିଆକୁ ବଞ୍ଚାଇବା, ସମ୍ବିଧାନ ବଞ୍ଚାଇବା ଆଦି ଉପରେ ଫୁଲବାଣୀ ନ୍ୟାୟ, ଶାନ୍ତି ଓ ସଦ୍‌ଭାବନା ସମାଜ ପକ୍ଷରୁ ଏକ ରାଲି ଫୁଲବାଣୀରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହାପରେ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ଜିଲା ପ୍ରଶାସନ ଜରିଆରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଛି। ମଣିପୁରରେ ଯେଉଁ ଘଟଣା ଘଟିଲା ସେ ବିଷୟରେ ନ କହିବା ଭଲ । ଆମ ଦେଶ ଆଜି ସାରା ବିଶ୍ୱରେ ଲଜ୍ଜିତ । ମଣିପୁର ସମେତ ସାରା ଦେଶରେ ମଣିଷ ଜୀବନ ସୁରକ୍ଷିତ ରଖିବା, ଯଥାଶୀଘ୍ର ମଣିପୁରରେ ଶାନ୍ତି ଫେରାଇ ଆଣିବା, ସେଠାର ମହିଳାମାନଙ୍କୁ ସୁରକ୍ଷା ଦେବା, ସଂଖ୍ୟାଲଘୁ ମାନଙ୍କୁ ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବା, ଗଣବଳାତ୍କାର କରିଥିବା ବ୍ୟକ୍ତିଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଂଘ ସଭାପତି ପ୍ରଶନ୍ନ ବିଶୋଇ, ସୁଇଟି ରେଭଲିନ ପ୍ରଧାନ, ସ୍ମୃତିରଞ୍ଜନ କହଁର, ମନୋଜ କୁମାର ଦିଗାଲଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ହୋଇଥିଲା।

# ଛାତ୍ରୀଛାତ୍ରଙ୍କୁ ମୌଳିକ ସୁବିଧା ଯୋଗାଇଦେବାକୁ ଦାବି

ଦାରିଙ୍ଗବାଡି,୨୪ା୭(ଅରୁଣ ସାହୁ)

### ଆନ୍ଦୋଳନକୁ ୮ ଦିନ ବିତିଲା



ଦାରିଙ୍ଗବାଡି ବ୍ଲକ ଗ୍ରୀନବାଡିଠାରେ ଥିବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଭିନ୍ନ ସମସ୍ୟାକୁ ନେଇ ଛାତ୍ରୀଛାତ୍ରମାନେ ଗତ ସୋମବାର ବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ କରିଥିଲେ। ବିଝାଶୁଝା ପରେ ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବାକୁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ତେବେ ଏହି ଘଟଣାକୁ ୮ ଦିନ ବିତିସାରିଛି ଶୀଘ୍ର ଛାତ୍ରୀଛାତ୍ରଙ୍କୁ ମୌଳିକ ସୁବିଧା ଯୋଗାଇଦେବାକୁ ଫୁଲବାଣୀରୁ ଆସିଥିବା ଯୁବ ଛାତ୍ର ନେତା ଶିବାଶିଷ ପଣ୍ଡା ଦାବି କରିଛନ୍ତି। ସେ ଓ ତାଙ୍କ ଅନ୍ୟ ସହଯୋଗୀ ସୋମବାର ଉକ୍ତ ବିଦ୍ୟାଳୟକୁ ଆସି ନବମ ଓ ଦଶମ, ଏକାଦଶ ଓ ଦ୍ୱାଦଶ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବା ସହ ବିଦ୍ୟାଳୟରେ କେଉଁ ଭଳି ଅବ୍ୟବସ୍ଥା ରହିଛି ତାହାରି ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ବିଦ୍ୟାଳୟର ନବମ ଓ ଦଶମ ପିଲାଙ୍କ ଲ୍ୟାବରେ ଆବଶ୍ୟକ ସରଞ୍ଜାମର ଆବଶ୍ୟକତା ରହିଥିବା ଛାତ୍ରୀଛାତ୍ରମାନେ କହିଥିଲେ ଏଥିସହ ହଷ୍ଟେଲରେ ପାଣିର ଅଭାବ ଓ କମ୍ପୁଟର ପାଇଁ ମୋଟ ୧୮ ଟି କେବିନ ରହିଥିବା ବେଳେ ମାତ୍ର ୧୦ କମ୍ପୁଟର ରହିଛି, କମ୍ପ୍ୟୁଟର ଗୁଡିକର କନେକ୍ସନରେ ତ୍ରୁଟି ରହିଥିବାରୁ ଗୋଟିଏ ମାଉସରେ ଏକାଧିକ କମ୍ପୁଟର ଚାଲୁଥିବା ଜଣାପଡିଛି ସେହିପରି ଏକାଦଶ ଓ ଦ୍ୱାଦଶ ଛାତ୍ରୀଛାତ୍ର ଲାଗି ଲ୍ୟାବ୍ରୋଟୋରୀକୁ ଶୀଘ୍ର ଚଳାଇବାକୁ ଓ ଆବଶ୍ୟକ ଲ୍ୟାବ ସାମଗ୍ରୀ କିଣାଯିବା ସହ ମୌଳିକ ସମସ୍ୟାର ସମାଧାନ କରାଯିବାକୁ ଛାତ୍ର ନେତା ଜିଲା ପ୍ରଶାସନଙ୍କୁ ନିବେଦନ କରିବେ ବୋଲି କହିଛନ୍ତି । ପ୍ରକାଶ ଯେ ଉକ୍ତ ବିଦ୍ୟାଳୟ ପୂର୍ବରୁ ଷଷ୍ଠ ରୁ ଦଶମ ପର୍ଯ୍ୟନ୍ତ ଶ୍ରେଣୀ ରହିଥିଲା ୨୦୧୮ ମସିହାରେ ଏହାକୁ ସରକାର ଏକାଦଶ ଓ ଦ୍ୱାଦଶ ଶିକ୍ଷାର ବ୍ୟବସ୍ଥା କରିଥିଲେ ସୁଦ୍ଧା ଏବେ ପର୍ଯ୍ୟନ୍ତ ଛାତ୍ରୀ ମାନଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା କରିଥିଲେ ସୁଦ୍ଧା ପାଚେରୀ କାର୍ଯ୍ୟ କରାଯାଇନାହିଁ ସେହିପରି ଉକ୍ତ ହଷ୍ଟେଲକୁ କୋଭିଡ ହସ୍ପିଟାଲ କରାଯାଇଛି ଫଳରେ ଛାତ୍ରୀ ମାନେ ବହୁ ହଇରାଣ ଭୋଗୁଛନ୍ତି। ଏନେଇ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଉଭୟ କର୍ମଚାରୀଙ୍କୁ ଡାକି ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି ଯେ ସେ ଉଚ୍ଚ ବିଦ୍ୟାଳୟର ଲ୍ୟାବ ସାମଗ୍ରୀ କିଣାଯାଇଛି ଆଉ ଯାହା ଆବଶ୍ୟକ ଚାହିଦା ଅନୁଯାୟୀ କିଣାଯିବ ବୋଲି କହିଛନ୍ତି।

### କୋଟଗଡ଼ ବ୍ଲକରେ ଅଭିଯୋଗ ଶୁଣାଣି

କୋଟଗଡ,୨୪ା୭(ସରୋଜ ବଳିୟାରସିଂ) କୋଟଗଡ଼ରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ମୋ ୧୫୩ଟି ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗ ଗୁଡିକୁ ଜିଲାପାଳ ଈଶ୍ୱର ଆଶିଷ ପାଟିଲ ପ୍ରତ୍ୟେକ୍ଷ ଭାବେ ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ କେତେକ ଅଭିଯୋଗ ବାରମ୍ବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଆସୁଥିଲେ ହେଁ ସୁଫଳ ମିଳୁ ନ ଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି। ଏଥିରେ ବାଲିଗୁଡା ଏସ୍‌ଡିପିଓ ସୟସ ପ୍ରତାପ ଶ୍ରୀମଲ,କନ୍ଧମାଳ ଜିଲା ପ୍ରକଳ୍ପ ଅଧିକାରୀ ରାଜେନ୍ଦ୍ର ରଞ୍ଜିତ, କୋଟଗଡ଼ ବିଡିଓ ଅର୍ଜୁନ ପ୍ରଧାନ, ବାଲିଗୁଡା ପିଏଆଟିଏ ମଧୁସୂଦନ ବେହେରା କୋଟଗଡ ତହସିଲଦାର ଦିବାକର ମାଝୀଙ୍କ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ।

### ଘାଟି ତଳକୁ ଖସିଲା ବୋଲେରୋ, ମହିଳା ଗୁରୁତର

ବୁଗୁଡ଼ା,୨୪ା୭(କାଳି ଚରଣ ଦାଶ)

ସ୍ଥାନୀୟ ଐତିହାସିକ ଶୈବପୀଠ ବୁଦ୍ଧଖୋଲ ଘାଟିରେ ସୋମବାର ଅପରାହ୍ନରେ ଏକ ବୋଲେରୋ ଖସିପଡିବାରୁ ଜଣେ ମହିଳା ଗୁରୁତର ହୋଇଛନ୍ତି। ଅନ୍ୟମାନେ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି। ଗୁରୁତର ମହିଳା ଜଣକ ଗଜପତିଜିଲା ଚନ୍ଦ୍ରଗିରିଅଞ୍ଚଳର କେ.ବାଙ୍କି ରାଓ(୩୦)। ବ୍ରହ୍ମପୁର ଅଞ୍ଚଳର ଛୋଟ ପିଲା ସହ ୭ ଜଣ ପୁରୁଷ ଓ ମହିଳା ଏକ ବୋଲେରୋ ଗାଡ଼ିରେ ବୁଦ୍ଧଖୋଲକୁ ବୁଲିଆସି ଫେରୁଥିବା ବେଳେ ଘାଟିରେ ଅସାବଧାନତା ବଶତଃ ଗାଡିଟି ତଳକୁ ଖସି ପଡି ଏକ ଗଛରେ ଅଟକି ରହିଯାଇଥିଲା। ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ସେମାନଙ୍କର ନାମ ଜଣା ପଡିନଥିବା ବେଳେ ସମସ୍ତଙ୍କୁ ବ୍ରହ୍ମପୁର ମେଡିକାଲ ପଠାଯାଇଛି।

# ୭୬ ବର୍ଷର ବରକୁ ୪୬ର କନିଆଁ

ମୋହନା,୨୪ା୭(ମନ୍ମଥ ମିଶ୍ର):



ନବ ବିବାହିତ ଦମ୍ପତି।

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଆଡପଡା ଗ୍ରାମର ରାମଚନ୍ଦ୍ର ସାହୁ (୭୬) ଏବଂ ଭଞ୍ଜନଗର କୁଲାଡ଼ ଗ୍ରାମର ସୁରେଖା ସାହୁ (୪୬)ଙ୍କ ବିବାହ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ରାମଚନ୍ଦ୍ର ଆଡ଼ପଡା ଗ୍ରାମର ମୂଳ ବାସିନ୍ଦା। ସେ ପୂର୍ବରୁ ବିବାହ କରିଥିଲେ। ତାଙ୍କର ଦୁଇ ଝିଅଙ୍କ ବିବାହ ପରେ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ହୋଇଯାଇଥିଲା। ଫଳରେ ଏକାକୀ ହୋଇଯାଇଥିଲେ ରାମଚନ୍ଦ୍ର। ଦୀର୍ଘ ୫୦ ବର୍ଷ ଧରି ମୋହନା ବ୍ଲକ ଶିକୁଲିପଦର ପଞ୍ଚାୟତ ତଲାସିଂ ଗ୍ରାମରେ ରହିଆସୁଛନ୍ତି। ଏକାକୀ ନିଃସଙ୍ଗ ଜୀବନ ବିତାଇବା ସହିତ ତଲାସିଂ ଗ୍ରାମରେ ଛୋଟ ବ୍ୟବସାୟ କରି ରହୁଛନ୍ତି। ଗତ ୭ବର୍ଷ ତଳେ ଏକ ଭୋଜିରେ ସୁରେଖାଙ୍କ ସହ ତାଙ୍କର ଦେଖାହୋଇଥିଲା। ପ୍ରଥମ ଦେଖାରେ ଦୁହେଁ ଦୁହିଁଙ୍କୁ ଭଲ ପାଇ ବସିଥିଲେ। ସୁରେଖା ଅବିବାହିତ ଥିଲେ। ଫୋନ ମାଧ୍ୟମରେ କଥାବାର୍ତ୍ତା ହେବା ସହ ଦେଖାସାକ୍ଷାତ ମଧ୍ୟ କରୁଥିଲେ। ତେବେ ପରିଣତ ବୟସରେ ସୁରେଖାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ ରାମଚନ୍ଦ୍ର। ତାଙ୍କ ପ୍ରସ୍ତାବରେ ଏକମତ ହୋଇଥିଲେ ସୁରେଖା ଏବଂ ଗତ ୧୯ତାରିଖରେ ଭଞ୍ଜନଗର କୋର୍ଟରେ ବିବାହ ହୋଇଥିଲା। ପରେ ତଲାସିଂ ଗ୍ରାମର ଗଣେଶ ମନ୍ଦିରରେ ବୈଦିକ ରୀତିରେ ବିବାହ କରିଥିଲେ। ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସ୍ୱାମୀଙ୍କ ପାଖରେ ରହିବେ ବୋଲି ସୁରେଖା କହିଛନ୍ତି।

# ବୁଗୁଡ଼ା ଅଦାଲତର ୧୪ତମ ପ୍ରତିଷ୍ଠା ଦିବସ

ବୁଗୁଡ଼ା,୨୪ା୭(କାଳି ଚରଣ ଦାଶ)

ବୁଗୁଡ଼ା ସ୍ଥିତ ଜେଏମ୍ଏଫ୍‌ସି କୋର୍ଟର ୧୪ ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଓକିଲ ସଂଘ ସଭାପତି ହରପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୁଗୁଡ଼ା ଅଦାଲତର ବିଚାରପତି ପରିଣିତା ନାୟକ, ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବାରର ବରିଷ୍ଠ ଓକିଲ ଶିଶିର କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଓଡିଶା ରାଜ୍ୟ ବାର କାଉନସିଲ ସଭ୍ୟ ପୀତବାସ ପଣ୍ଡା, ଆସ୍କା ଓକିଲ ସଂଘ ସଭାପତି ରବୀନ୍ଦ୍ର ଶର୍ମା, ଭଞ୍ଜନଗର ଓକିଲ ସଂଘ ସଭାପତି ଅଭିମନ୍ୟୁ ଗୌଡ଼ ପ୍ରମୁଖ ଯୋଗଦେଇଥିଲେ। ଓକିଲ ରାଜକିଶୋର ଦାଶ ବେଦପାଠ, ମାନସ ହୋତା ପ୍ରାରମ୍ଭିକ ସଂଗୀତ ଓ ଜୀବନ ହୋତା ଅନ୍ତିମ ସଂଗୀତ ଗାନ କରିଥିଲେ। ଓକିଲ ସଂଘ ଉପ ସଭାପତି ଅନିଲ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଅମର ପଟ୍ଟନାୟକ ବିବରଣୀ ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଓକିଲ ସଂଘ କର୍ମକର୍ତ୍ତା, ସଦସ୍ୟ, ବରିଷ୍ଠ ନାଗରିକ ଟ୍ରଷ୍ଟର କର୍ମକର୍ତ୍ତା, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ମୋ ଘର' କାର୍ଯ୍ୟାଦେଶ ବଣ୍ଟନ

ଖଲ୍ଲିକୋଟ,୨୪ା୭(ପ୍ରଶାନ୍ତ କୁମାର ମିଶ୍ର):

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ ହୋଇଥିବା 'ମୋ ଘର ଯୋଜନା' ସୋମବାର ଖଲ୍ଲିକୋଟ ବ୍ଲକରେ ଶୁଭାରମ୍ଭ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ୪ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ବ୍ଲକରେ ଅଦ୍ୟାବଧି ୭୦୦ ହିତାଧିକାରୀ ଆବେଦନ କରିଥିବା ସୂଚନା ମିଳିଛି। ସୋମବାର ହିତାଧିକାରୀ ଲକ୍ଷ୍ମୀଚରଣ ପାଣିଗ୍ରାହୀ, ଲକ୍ଷ୍ମଣ ଦାସ, ପି. ହରେକୃଷ୍ଣ ଦୋରା, ସୁନିତା ଚାନ୍ଦଙ୍କୁ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଡ଼ିଓ ବିକ୍ରମ କୁମାର ଦୋରା, ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରା, ରତ୍ନାକର ସାହୁ, ଏଇ ହରେକୃଷ୍ଣ ସାହୁ, ବିପିସି ସୁକାନ୍ତ କୁମାର ପଟ୍ଟନାୟକ, ଭାରତୀୟ ଷ୍ଟେଟ ବ୍ୟାଙ୍କର ପରିଚାଳକ କୁମାର ଆୟୁଷମାନ, ଫିଲ୍ଡ ଅଫିସର କୁଳମଣି ନାୟକ ଉପସ୍ଥିତ ଥିଲେ।

# ଗାଁକୁ ରାସ୍ତା ନିର୍ମାଣ ଦାବି



ଖଜୁରୀପଡ଼ା,୨୪ା୭(ବିଦୁର ବେହେରା): ଲଘୁଚାପ ଜନିତ ବର୍ଷା ଲାଗିରହିଥିବା ଯୋଗୁଁ ଗ୍ରାମାଞ୍ଚଳରେ ମାଟି ରାସ୍ତା ଏବେ କାଦୁଅ ପାଣିରେ ପରିପୂର୍ଣ୍ଣ। ନିର୍ବାଚନ ଆସିଲେ ନେତାମାନେ ଗାଁକୁ ଆସି ରାସ୍ତା କରିବୁ କହି ପ୍ରତିଶ୍ରୁତି ଦେଇ ଭୋଟ ହାତେଇ ନେଉଛନ୍ତି। ପରେ ପ୍ରତିଶ୍ରୁତି ଭୁଲି ଯାଉଛନ୍ତି। ଏହିଭଳି ଦୃଶ୍ୟ ହେଲା ଖଜୁରୀପଡ଼ା ବ୍ଲକର ଅରାପାଜୁ ପଞ୍ଚାୟତର କରୁଣା ଗ୍ରାମକୁ ସଂଯୋଗ କରୁଥିବା ମାଟି ରାସ୍ତା। ସେହିପରି ପେନାବାଲିଠାରୁ ମେରିଆପଦର ଗ୍ରାମକୁ ସଂଯୋଗ କରୁଥିବା ମାଟି ରାସ୍ତା। ୧ କିମି ଯିବାଆସିବା ପାଇଁ ବହୁତ ଅସୁବିଧା ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ସେହିପରି ପିରିକୁଡ଼ି ପଞ୍ଚାୟତର ବେଡାଙ୍ଗ ପାଜୁ ଗ୍ରାମର କେନାଲଠାରୁ ନବଗୁବା ଆରଡି ରାସ୍ତାକୁ ସଂଯୋଗ କରୁଥିବା ମାଟି ରାସ୍ତା ଏବଂ ପିରୁକୁଡ଼ି ପିଡକୁଡି ରାସ୍ତାରୁ କରଡ଼ା କୁମ୍ଭା ଗ୍ରାମକୁ ସଂଯୋଗ କରୁଥିବା ମାଟି ରାସ୍ତା। ଦୃତିମେଣ୍ଡି ପଞ୍ଚାୟତର ପ୍ରେମଖୋରି ପଦର ସାହି ମାଟି ରାସ୍ତା। ବଲସକୁମ୍ପା ପଞ୍ଚାୟତର ନୂଆଁ ସାହି, ଲଣ୍ଡୁରୁ ପଡା, ଦରଗଡ ଗଣ୍ଡା ଏବଂ ନବଗୁବା ଜାମ୍ବୁ ସାହି, ସୁନ୍ଦରଗଡ ଗ୍ରାମକୁ ସଂଯୋଗ କରୁଥିବା ମାଟି ରାସ୍ତା ବର୍ଷା ଦିନରେ ଖାଲ ହୋଇ ପାଣି ଭରିରହୁଛି। ଅନେକ ସମୟରେ ଗ୍ରାମର ଲୋକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିପରି ଲଗାଣ ବର୍ଷା ଯୋଗୁଁ ରଞ୍ଜାକୁମ୍ପା ଏବେ ଜଳ ବନ୍ଦୀ ଘେରରେ। ଏହି ଗାଁକୁ ଯିବା ପାଇଁ ରାସ୍ତା ନାହିଁ। ପଞ୍ଚାୟତରୁ ରାସନ୍ ଚାଉଳ ଆଣିବା ହେଉ କିମ୍ବା ଅନ୍ୟ ଯେକୌଣସି କାମରେ ବଲସକୁମ୍ପା ଆସିବାକୁ ହୁଏ ସେତେବେଳେ ଏମାନଙ୍କୁ ଡଙ୍ଗା ଭରସା। ବିପଦକୁ ଆଖି ଆଗରେ ରଖି ଜୀବନ ବାଜି ଲଗେଇ ଡଙ୍ଗାରେ ପାର ହେଉଛନ୍ତି ଏହି ଗ୍ରାମବାସୀ। ଏହି ଗ୍ରାମକୁ ରାସ୍ତାଟିଏ ନିର୍ମାଣ ହୋଇ ପାରି ନାହିଁ। ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହି ସବୁ ରାସ୍ତା ନିର୍ମାଣ କରିବା ପାଇଁ ମା' ଇଷ୍ଟଦେବୀ ଯୁବ କଳା ପରିଷଦ ଅନୁରୋଧ କରିଛି।

# ଦାରିଙ୍ଗବାଡି ଯୋଗୀମଠର ବିକାଶ ଦାବି

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ ୨୪ା୭ (ଅରୁଣ ସାହୁ/ମନୋରଞ୍ଜନ ରଣା )



- ତୀର୍ଥକ୍ଷେତ୍ର ଭାବେ ଜଣାଶୁଣା, ସବୁଦିନିଆ ଭଲ ରାସ୍ତାଟିଏ ନାହିଁ
- ପର୍ଯ୍ୟଟନକେନ୍ଦ୍ର ଭାବେ ରାଜ୍ୟ ମାନଚିତ୍ରରେ ସ୍ଥାନ ଦେବାକୁ ଦାବି

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଅନେକ ପର୍ଯ୍ୟଟନକ୍ଷେତ୍ର ରହିଛି ବିଶେଷ କରି ଜଳପ୍ରପାତ ଗୁଡିକରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଦାରିଙ୍ଗବାଡିର ଜଳବାୟୁକୁ ବହୁତ ପସନ୍ଦ କରିଥାନ୍ତି। ତେବେ ଏମିତି ଏକାଧିକ ପର୍ଯ୍ୟଟକ କ୍ଷେତ୍ର ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଜିଲା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଉଛି ସେଭଳି ଏକ ପର୍ଯ୍ୟଟନକ୍ଷେତ୍ର । ତୀର୍ଥ କ୍ଷେତ୍ର କୁହାଯାଉଥିବା ଉକ୍ତ ବ୍ଲକ ବ୍ରାହ୍ମଣୀଗାଁ ଥାନା ଦୁର୍ଗମ ସରାମୁଳି ପଞ୍ଚାୟତର ଯୋଗୀ ମଠ ଚାରିଆଡେ ପାହାଡ଼ ମଝିରେ ରହିଛି ଜଳପ୍ରପାତ। ଯେଉଁଠିକି ପର୍ଯ୍ୟଟକ ଯାଇ ସେଠାରୁ ଫେରୁବାକୁ ଅନିଚ୍ଛା ପ୍ରକାଶ କରନ୍ତି ଜଳ ପ୍ରପାତର ସୌନ୍ଦର୍ଯ୍ୟ ସହ ଥାକ ଥାକ ହୋଇ ରହିଥିବା ବଡ଼ ବଡ଼ ପଥର ଓ ପଥରକୁ ଲାଗି ରହିଥିବା ଜଙ୍ଗଲ ପର୍ଯ୍ୟଟକଙ୍କୁ ବହୁତ ଆକୃଷ୍ଟ କରୁଛି। ପର୍ଯ୍ୟଟକ ଉକ୍ତ ମଠରେ ବଣ ଭୋଜି କରି ମଜା ନିଅନ୍ତି ହେଲେ ପର୍ଯ୍ୟଟକଙ୍କ ପାଇଁ କୌଣସି ମୌଳିକ ସୁବିଧା ନଥିବା ବେଳେ ବସିବା ପାଇଁ ସିମେଣ୍ଟ ବେଞ୍ଚର ବ୍ୟବସ୍ଥା ସହ ଆଶ୍ରୟସ୍ଥଳ, ଭିୟୁ ପଏଣ୍ଟ ଆଦି କରାଯିବା ଆବଶ୍ୟକ ସେହିଭଳି ଉକ୍ତ ମଠରେ ପହଞ୍ଚିବା ପାଇଁ ସବୁଦୁନିଆ ରାସ୍ତାର ଆବଶ୍ୟକତା ଜରୁରୀ ରହିଛି। ଉକ୍ତ ଯୋଗୀ ମଠର ବିକାଶ କରାଗଲେ ସରାମୁଳି ସମେତ ଗଦାପୁର, ବ୍ରାହ୍ମଣୀଗାଁ ଆଦି ଅଞ୍ଚଳର ବିକାଶ ହୋଇପାରିବ ବୋଲି ଅଞ୍ଚଳବାସୀ କହିଛନ୍ତି । ବ୍ରାହ୍ମଣୀଗାଁ ଡିଗ୍ରୀ କଲେଜର ଅଧ୍ୟାପକ ଅକ୍ଷୟ କୁମାର ବେହେରା ଦଳାଇ କହିଛନ୍ତି ଯେ ଯୋଗୀ ମଠ ଅନ୍ୟ ଏକ ପ୍ରାକୃତିକ ଜଳପ୍ରପାତ ଯାହା ଦାରିଙ୍ଗିବାଡ଼ି ବ୍ଲକ ପାଇଁ ପ୍ରକୃତିର ଅନବଦ୍ୟ ଅବଦାନ ତେଣୁ ଜିଲ୍ଲା ପ୍ରଶାସନ ଏହି ପ୍ରକୃତିର ଅବଦାନକୁ ବିକାଶ କରିବା ପାଇଁ ପ୍ରୟାସ କରିବା ଦରକାର ବୋଲି ସେ ମତ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### କ୍ଷେତରେ ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ

ବୈଶିଙ୍ଗା,୨୪।୭(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡଦେଉଳିଆ ପଞ୍ଚାୟତ ବାଲିଆପିଟା ଗ୍ରାମରେ ଚାଷ କ୍ଷେତରେ ସୁଶାନ୍ତ ସିଂ ନାମକ ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସୋମବାର ଚାଷଜମିରୁ ତାଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ଚାଷ କାର୍ଯ୍ୟ ପାଇଁ ବିଲକୁ ଯାଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୧/୨୩) ରୁଜୁ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି।

### ବଳାତ୍କାର ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଧାରଣା

ଚାନ୍ଦବାଲି,୨୪।୭ (କିଶାନ ପାତ୍ର): ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଉକ୍ତ ଗାଁର ଜଣେ ଯୁବକ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ବର୍ଷେ ପରେ ମଧ ପୀଡ଼ିତା ନାବାଳିକାଙ୍କୁ ନ୍ୟାୟ ନ ମିଳିବାରୁ ସୋମବାର ତାଙ୍କ ପରିବାର ପକ୍ଷରୁ ଚାନ୍ଦବାଲି ଥାନା ଆଗରେ ଧାରଣାରେ ବସିଛନ୍ତି। ୨୦୨୨ ଅଗଷ୍ଟ ୧୯ରେ ନାବାଳିକା ରାତିରେ ଦୋକାନରୁ ଫେରୁଥିବା ବେଳେ ଉକ୍ତ ଯୁବକ ତାଙ୍କୁ ବିଲ ମଧ୍ୟକୁ ଟେକିନେଇ ବଳାତ୍କାର କରିଥିଲେ। ପୋଲିସ ମାମଲା ରୁଜୁ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଅଭିଯୁକ୍ତ ଫେରାର ଥିବାବେଳେ ପୋଲିସ ତାଙ୍କୁ ଗିରଫ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି ବୋଲି ନାବାଳିକାଙ୍କ ବାପା କହିଛନ୍ତି।

# ଡିଏମ୍‌ଏଫ୍ ପାଣ୍ଠିର ହରିଲୁଟ ଅଭିଯୋଗ

## ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ

- ଖର୍ଚ୍ଚ ଅଧିକ, କାର୍ଯ୍ୟ ଅଗ୍ରଗତି ନୈରାଶ୍ୟଜନକ
- ମାଙ୍କଡିଆ କଲୋନୀ ନିର୍ମାଣ ଅଧାପନ୍ତରିଆ

ଯାଜପୁର,୨୪।୭(ହର୍ଷବର୍ଦ୍ଧନ ବେହେରା)



ଡିଏମ୍‌ଏଫ୍ ପାଣ୍ଠିରେ କୁସୁମୁଣ୍ଡିଆ ଗ୍ରାମରେ ମାଙ୍କଡିଆ ଜନଜାତିଙ୍କ କଲୋନୀ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି।

ଯାଜପୁର ଜିଲାର ଖଣି ଖାଦାନ ଭରା ଅଞ୍ଚଳର ବିକାଶ ପାଇଁ ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ଗଠିତ ହୋଇଛି। ବିଶେଷକରି ଖଣି ଖାଦାନ ଦ୍ୱାରା ପ୍ରଭାବିତ ସୁକିନ୍ଦା ଅଞ୍ଚଳର ଆଦିବାସୀମାନଙ୍କ ବିକାଶ ପାଇଁ ଡିଏମ୍‌ଏଫ୍ ପାଣ୍ଠିର ବିନିଯୋଗ ହେଉଛି। ଗମନାଗମନ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ପାଇଁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧କୁ ଦାୟିତ୍ୱ ଦିଆଯାଇଛି। ଏହିକ୍ରମରେ ୨୦୨୧-୨୨ ପର୍ଯ୍ୟନ୍ତ ୨୩ଟି ବିଭିନ୍ନ ପ୍ରକଳ୍ପ ପାଇଁ ଡିଏମ୍‌ଏଫ୍ ପାଣ୍ଠିରୁ ୪୮ କୋଟି ୩୪ ଲକ୍ଷ ୧୬ ହଜାର ୬୯୫ ଟଙ୍କା ପ୍ରଦାନ କରାଯାଇଛି। ସେଥିରୁ ୩୦।୬।୨୦୨୩ ପର୍ଯ୍ୟନ୍ତ ୪୮ କୋଟି ୧୫ ଲକ୍ଷ ୫୯ ହଜାର ୨୦୭ ଟଙ୍କା ଖର୍ଚ୍ଚ ହୋଇଥିବା ବିଭାଗୀୟ ରିପୋର୍ଟରୁ ଜଣାପଡିଛି। କିନ୍ତୁ ଠିକାଦାରୀ ରାଜନୀତି ଯୋଗୁ ପ୍ରଭାବିତ ଲୋକଙ୍କ ସମସ୍ୟାକୁ ଦଳିଚକଟି ଦିଆଯାଉଛି। ଅବହେଳିତ ଆଦିବାସୀ ବର୍ଗର ଲୋକଙ୍କ ନିକଟରେ ଏହାର ସୁଫଳ କିଭଳି ପହଞ୍ଚି ପାରିବ ସେନେଇ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଆଦୌ ଚିନ୍ତା ନଥିବା ଭଳି ମନେ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ସୁକିନ୍ଦା ବ୍ଲକ ଗାଁସୋଲ ପଞ୍ଚାୟତ କୁସୁମୁଣ୍ଡିଆ ଗ୍ରାମରେ ମାଙ୍କଡିଆ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ବସତି କଲୋନୀ ନିର୍ମାଣରେ ଜଳଜଳ ହୋଇ ଦିଶୁଛି। ଅନୁଦାନର ପ୍ରାୟ ୮୦% ଖର୍ଚ୍ଚ ହୋଇସାରିଥିଲେ ହେଁ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ମଧ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହାବାଦ୍ ରାସ୍ତା ନିର୍ମାଣରେ ମଧ ଡିଏମ୍‌ଏଫ୍ ପାଣ୍ଠିର ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି।

ଜଙ୍ଗଲ ଜମି ଅଧିକାର ଆଇନ ମାଧମରେ ମାଙ୍କଡିଆ ସମ୍ପ୍ରଦାୟର ୮୭ ପରିବାରବର୍ଗଙ୍କୁ ଜମି ଯୋଗାଇ ଗୃହ ନିର୍ମାଣ ବାବଦକୁ ୩ କୋଟି ୨୫ ଲକ୍ଷ ୧୮ ହଜାର ୩୯୨ ଟଙ୍କା ଡିଏମ୍‌ଏଫ୍ ପାଣ୍ଠିରୁ ମଞ୍ଜୁର ହୋଇଛି। ସେଥିରୁ ୨୦୨୧-୨୨ ସୁଦ୍ଧା ୨ କୋଟି ୮୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ସେଥିରୁ ୨ କୋଟି ୮୧ ଲକ୍ଷ ୧୯ ହଜାର ୯୨୯ ଟଙ୍କା ଖର୍ଚ୍ଚ ହୋଇସାରିଛି। ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ର ନିର୍ବାହୀ ଯନ୍ତ୍ରୀ ଖର୍ଚ୍ଚ ପରିମାଣର ବିନିଯୋଗ ପତ୍ର(ୟୁସି) ଦାଖଲ ମଧ କରି ସାରିଛନ୍ତି। ଯାଜପୁର ଜିଲାପାଳ ତଥା ଡିଏମ୍‌ଏଫ୍ ଟ୍ରଷ୍ଟିଙ୍କୁ ଏହି ୟୁସି ଦାଖଲ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ୨୦।୭।୨୦୨୩ରେ ରିପୋର୍ଟ ମଧ ପ୍ରଦାନ କରି ସାରିଛନ୍ତି। ହେଲେ ବାସ୍ତବରେ ମାତ୍ର ୧୬ଟି କୋଠରୀ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବାବେଳେ ଅଧିକାଂଶରେ ଫାଟ ସୃଷ୍ଟି ହୋଇଛି। ଅନ୍ୟ କେତେକ କୋଠରୀ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏଥିରୁ ସିଂହଭାଗ ଅର୍ଥ ସମ୍ପୃକ୍ତ ଠିକାଦାର ଓ ଯନ୍ତ୍ରୀ ମିଳିମିଶି ହଡ଼ପ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଠିକାଦାର ଓ ଯନ୍ତ୍ରୀଙ୍କୁ ଉଚ୍ଚ କର୍ତ୍ତୃପକ୍ଷ ଘଣ୍ଟ ଘୋଡ଼ାଇବାକୁ ଉଦ୍ୟମ କରୁଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହାବାଦ୍ ଅଶୋକଝରଠାରୁ ତଳନଗଡାକୁ ରାସ୍ତା, ମଙ୍ଗଳପୁରଠାରୁ ଆମ୍ପୋଲବା, ଟିସ୍କୋ ଗେଟ୍‌ଠାରୁ ଦେଓଗାଁ, ଦାମୋଦରମଠ ଛକଠାରୁ ନଟିସାହି, ପିଡବ୍ଲୁଡି ରାସ୍ତାଠାରୁ ପଟଣା, କାଦୁଅବନ୍ଧୀଠାରୁ ପିମ୍ପୁଡ଼ିଆ, ବାମନଗର ରାସ୍ତା, ପାଟନାଠାରୁ ଚିଙ୍ଗୁଡିଆପାଲ, ନଟିସାହିଠାରୁ କୋଇଲୋ, ପଟଣାଠାରୁ ପୋଡ଼ହରା, ପୋଡ଼ହରାଠାରୁ ନାତୁର ଇତ୍ୟାଦି ରାସ୍ତା ମରାମତି ଓ ନିର୍ମାଣ ବାବଦକୁ ଡିଏମ୍‌ଏଫ୍ ପାଣ୍ଠିରୁ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି।

ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁକିନ୍ଦା ପିଏଚ୍‌ସିରେ ୱାର୍ଡ ବିଲ୍ଡିଂ, ଡୁବୁରୀଠାରେ ପିଏଚ୍‌ସି ନ୍ୟୁ, ଗୋବର୍ଦ୍ଧନପୁର ଠାରେ ପିଏଚ୍‌ସି ନ୍ୟୁ, ସୁକିନ୍ଦାଠାରେ ପ୍ରସୂତି ବିଶ୍ରାମଗାର, ଦେଓଗାଁ ଓ ଚିଙ୍ଗୁଡିଆପାଲଠାରେ ସବ୍‌ସେଣ୍ଟର, ଦାନଗଦି ସିଏଚ୍‌ସି ମରାମତି ଇତ୍ୟାଦି ନିର୍ମାଣରେ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ଉଠିଛି। ଏଭଳି ଭାବେ ଡିଏମ୍‌ଏଫ୍ ପାଣ୍ଠିର ବିନିଯୋଗରେ ବ୍ୟାପକ ହେରଫେର ଯୋଗୁ ଖଣି ଖାଦାନ ପ୍ରଭାବିତ ଲୋକଙ୍କ ବିକାଶ ଲକ୍ଷ୍ୟ ପରାହତ ହୋଇଥିବା ମତପ୍ରକାଶ ପାଇଛି। ମାଙ୍କଡିଆ ବସତି କଲୋନୀ ନିର୍ମାଣରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତି ସିଂହ ରାଠୋର ପୂର୍ବରୁ କହିଛନ୍ତି, ଦାୟିତ୍ୱରେ ଥିବା ଠିକାସଂସ୍ଥାକୁ ପରିବର୍ତ୍ତନ କରାଯାଇ ପୁଣି କାମ ଆରମ୍ଭ କରାଯାଉଛି। ନିମ୍ନମାନର କାର୍ଯ୍ୟ ଅଭିଯୋଗରେ ତଦନ୍ତ ହେବ ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସମ୍ପୃକ୍ତ ଯନ୍ତ୍ରୀ କିମ୍ବା ଠିକାଦାରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଜଣାପଡ଼ିଛି। ଡିଏମ୍‌ଏଫ୍ ପାଣ୍ଠିର ଅନିୟମିତତା ସମ୍ପର୍କରେ ମତାମତ ନେବାକୁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକଙ୍କ ମୋବାଇଲ ନମ୍ବରକୁ ସୋମବାର ଅପରାହ୍ନରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

### ଦୋଷୀ ଜେଜେବାପାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

## ଶିଶୁକନ୍ୟାଙ୍କୁ ବଳାତ୍କାର ମାମଲା

ବାରିପଦା,୨୪।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ସୋମବାର ଏକ ଶିଶୁକନ୍ୟା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ମାମଲାର ବିଚାର କରି ଅଭିଯୁକ୍ତ ଖଇରପୋଖରିଆ ଥାନା ଅଧୀନ ଶଙ୍କୁଚା ଅଞ୍ଚଳର ବୃଦ୍ଧ ଜେଜେବାପାଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଣି କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଅନାଦାୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୪ ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୨୧ ମାର୍ଚ୍ଚ ୨୧ରେ ପରିବାର ଲୋକେ କାମ କରିବାକୁ ବାହାରକୁ ଯାଇଥିଲେ। ଅପରାହ୍ନରେ ୪ ବର୍ଷର ନାତୁଣୀଙ୍କୁ ଏକୁଟିଆ ପାଇ ଜେଜେବାପା ବଳାତ୍କାର କରିଥିଲେ। ପରିବାର ଲୋକେ ଘରକୁ ଫେରିବା ପରେ ଝିଅ କାନ୍ଦୁଥିବା ଦେଖି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୀଡ଼ିତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହାକୁ ନେଇ ତାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୬୩/୨୧) ରୁଜୁ କରି ମାର୍ଚ୍ଚ ୨୩ରେ ଅଭିଯୁକ୍ତଙ୍କୁ ଗିରଫ କରି ଡାକ୍ତରୀମାଇନା ପରେ କୋର୍ଟଚାଲାଣ କରିଥିଲା।

# ଉଦୟ ଭାନୁ ସାହିତ୍ୟ ସଂସଦ ପକ୍ଷରୁ ଚାରା ରୋପଣ

ସିଂହପୁର,୨୪।୭
(ଅନଙ୍ଗ ଉଦୟ ବେଉରିଆ)

ବିଂଝାରପୁର ବ୍ଲକ ଅଧୀନ ଗୁହାଳୀସ୍ଥିତ ମା ତାରିଣୀ ମନ୍ଦିର ପରିସରରେ ଉଦୟ ଭାନୁ ସାହିତ୍ୟ ସଂସଦ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ବ୍ରଜ ସୁନ୍ଦର ସାମଲ, ସମ୍ପାଦକ ସୁରେନ୍ଦ୍ର ପତି, ପ୍ରମୋଦ ସାମଲ, ବିଷ୍ଣୁ ଚରଣ ସାମଲ, ବନମାଳି ପତି, ସରୋଜ ମଲିକ, ନରେନ୍ଦ୍ର ବାରିକ, ଭାରତ ଭୂଷଣ ମଲିକ, ପ୍ରଭା କିଶୋରୀ ସାମଲ, ଧନେଶ୍ୱର ଦାସ, ପ୍ରଫୁଲ୍ଲ ବେହେରା, ରାମଚନ୍ଦ୍ର ନାୟକ, ନିରଞ୍ଜନ ପାତ୍ର, ଅକ୍ଷୟ ସେଠୀ, ହିତେଶ ସିଂ, ବସନ୍ତ ସେଠୀ, ପ୍ରଦୀପ ସାମଲ, ରବି ନାରାୟଣ ସାମଲ, ତ୍ରିଲୋଚନ ପଣ୍ଡା ପ୍ରମୁଖ ଯୋଗ ଦେଇ ଚାରା ରୋପଣ କରିଥିଲେ।



ତାରିଣୀ ମନ୍ଦିର ପରିସରରେ ଚାରା ରୋପଣ କରାଯାଉଛି।

# ନଳୀପୁର ପଞ୍ଚାୟତ ବିଜେଡି କର୍ମୀ ସମ୍ମିଳନୀ



ବିଜେଡି କର୍ମୀ ସମ୍ମିଳନୀରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ସହ ଅନ୍ୟମାନେ।

ବାଲିଚନ୍ଦ୍ରପୁର,୨୪।୭
(ଗିରିଜା ପ୍ରସାଦ ସାହୁ)

ବଡ଼ଚଣା ନିର୍ବାଚନ ମଣ୍ଡଳୀ ନଳୀପୁର ଗ୍ରାମ ପଞ୍ଚାୟତର ବିଜେଡି କର୍ମୀ ସମ୍ମିଳନୀ ରବିବାର ଚାରିନଙ୍ଗଳ ବଜାରସ୍ଥିତ ରାଜା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ନିର୍ବାଚନ ମଣ୍ଡଳୀ ଲିଗାଲସେଲ ଅଧ୍ୟକ୍ଷ ତଥା ପ୍ରାକ୍ତନ ସରପଞ୍ଚ ମନ୍ମଥ କେଶରୀ ସାହେବରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ନବୀନ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଓ ଯୋଜନାଗୁଡ଼ିକ ଘରେ ଘରେ ପହଞ୍ଚାଇବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ପଞ୍ଚାୟତରେ ଯେଉଁ ସବୁ ସମସ୍ୟା ରହିଛି ତାହା ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କଂଗ୍ରେସ ଦଳ ପରିତ୍ୟାଗ କରି ପୂର୍ବତନ ୱାର୍ଡ଼ ସଭ୍ୟ ସେକ୍ ଆକବର ଓ ତାଙ୍କ ସମର୍ଥକମାନେ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ବିଧାୟକ ଶତପଥୀ ସେମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ପ୍ରସାଦ ନାୟକ, ଆମ୍ବାର ଅଧ୍ୟକ୍ଷ ନିରଞ୍ଜନ ସେନାପତି, ବ୍ଲକ ବିଜେଡ଼ି ସାଧାରଣ ସମ୍ପାଦକ ବିପିନ ବିହାରୀ ଜେନା, ପଞ୍ଚାୟତ ବିଜେଡି ସଭପତି ସେକ୍ ଏମାମୁଦ୍ଦିନ୍, ପ୍ରାକ୍ତନ ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା, ତାପସ କୁମାର ରାୟ, ମନୋରଞ୍ଜନ ମଲିକ, ଯୁବ ବିଜେଡ଼ି ନେତା ରଶ୍ମିରଞ୍ଜନ ବଳ, ନିୟାଜୁଦ୍ଦିନ୍ ଖାଁ, ନାସିରୁଦ୍ଦିନ୍ ଖାଁ, ଜାବେଦ ଏକବାଲ, ଜୟନ୍ତ ବେହେରା, ଲ୍ୟାକୁଦ୍ଦିନ୍ ଖାଁ, ପ୍ରତାପ ଚନ୍ଦ୍ର ନାୟକ, ଅନନ୍ତ ସିଂହ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବିଜେଡିରେ ସାମିଲ ହେଲେ ପୂର୍ବତନ ୱାର୍ଡ଼ ସଭ୍ୟ

# ଜିଲା ଲେଖିକା ସଂସଦ ପକ୍ଷରୁ ଶୋକସଭା

ଯାଜପୁରରୋଡ଼,୨୪।୭(ପବିତ୍ର ମହାନ୍ତି): ବ୍ୟାସନଗର ଏକ ହୋଟେଲ ପରିସରରେ ଜିଲା ଲେଖିକା ସଂସଦର ସଦସ୍ୟା ସବିତା ନାୟକଙ୍କ ବିୟୋଗରେ ସୋମବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଅଛି। ସ୍ୱର୍ଗତା ନାୟକଙ୍କ ଗତ ୧୯ ତାରିଖରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା । ସଂସଦ ସଭାନେତ୍ରୀ ହିରଣ୍ମୟୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ପ୍ରଥମେ ସବିତା ନାୟକ ଓ ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ ରାଉତଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସବିତା ଜଣେ ଧର୍ମପ୍ରାଣା, ପରୋପକାରୀ, ନିରହଙ୍କାରୀ ଓ ମିଷ୍ଟଭାଷୀ ମହିଳା ଥିଲେ। ସହରର ଅନେକ ଅନୁଷ୍ଠାନ ସହ ସେ ଜଡିତ ଥିଲେ। ଶୋକ ସଭାରେ ମିରିନା ମହାନ୍ତି, ସନ୍ଧ୍ୟାରାଣୀ ଘଡ଼େଇ, ନିଳୀମା ମହାନ୍ତି, ବିଜୟଲକ୍ଷ୍ମୀ ମହାପାତ୍ର, ରାଜଶ୍ରୀ ପରିଡ଼ା, ଦେବସ୍ମିତା ସାହୁ, ଉଷାମଞ୍ଜରୀ ସାହୁ, ଜୟନ୍ତୀ ଜେନା,ପ୍ରମୋଦିନୀ ଦାସ, ଅଶାନ୍ତି ସାମଲ, ମଧୁସ୍ମିତା ନାୟକ,ମମତା ଦାସ,ସୁଧାମୟୀ ଜେନା,ମମତାମୟୀ ଦାଶ, ମଞ୍ଜୁଲତା ନାୟକ, ଗାୟତ୍ରୀ ନାୟକ ପ୍ରମୁଖ ଯୋଗଦେଇ ସବିତାଙ୍କ ସ୍ମୃତି ଚାରଣ କରିଥିଲେ। ସଂସଦର ସମ୍ପାଦିକା ଜେଶରୀ ସିଂ ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।



ଶୋକସଭାରେ ଯୋଗଦେଇଥିବା ସଂସଦର ସଦସ୍ୟା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ବିଜ୍ଞାନ ମେଳା

ଯାଜପୁରରୋଡ଼,୨୪।୭(ପବିତ୍ର ମହାନ୍ତି): ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ମୁଣ୍ଡମାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଷଷ୍ଠ ବିଂଶତମ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଜ୍ଞାନ ମେଳାକୁ ସୁଜନପୁର ମହାବିଦ୍ୟାଳୟର ଭୌତିକ ବିଜ୍ଞାନ ବିଭାଗର ପ୍ରଫେସର ଡ.ମନୋଜ କୁମାର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସଭାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଦିଲିପ କୁମାର ଜେନା, ଉପ ସଭାପତି, ଦୁର୍ଯ୍ୟୋଧନ ରାଉତ, ପୂର୍ବତନ ସଭାପତି ତଥା ଶୈକ୍ଷିକ ଉପଦେଷ୍ଟା ଦିଗନ୍ତ କୁମାର ରାଉତ ଉପସ୍ଥିତ ରହି ସଭାକାର୍ଯ୍ୟକୁ ଆଗେଇ ନେଇଥିଲେ। ମୁଖ୍ୟ ଅତିଥି ଡ.ମହାପାତ୍ର ବିଜ୍ଞାନର ଉପାଦେୟତା ଉପରେ କୁନି କୁନି ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ଉତ୍ସାହିତ କରିଥିଲେ। ବିଜ୍ଞାନ ମେଳାରେ ବିଦ୍ୟାଳୟର ମୋଟ ୨୫୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ, ସୁରେଶ ଚନ୍ଦ୍ର ବେହେରା, ମୃତ୍ୟୁଞ୍ଜୟ ନାୟକ, ନୟନଦୀପ୍ତ ବେହେରା, ବିଦ୍ୟାଧର ପାଢୀ, ବିଜୟ କୁମାର ସାହୁ ଓ ସୁରେନ୍ଦ୍ର ବାହାଲିଆ କୁନି ବୈଜ୍ଞାନିକମାନଙ୍କ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କୃତି ପ୍ରତିଯୋଗୀମାନଙ୍କୁ ପରିଚାଳନା ସମିତିର ସଭାପତି ବିଜୟ କୁମାର ପଣ୍ଡା ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ନରେନ୍ଦ୍ର ଦାସ, ବରିଷ୍ଠ ବିଜ୍ଞାନ ଆଚାର୍ଯ୍ୟ ରାଜକୃଷ୍ଣ ପାଳ, ନିର୍ମଳ ଚନ୍ଦ୍ର ମିଶ୍ର, ସନ୍ତୋଷ କୁମାର ବେହେରା ଓ ଅଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏହି ମେଳା ସୂଚାରୁ ରୂପେ ସମ୍ପନ୍ନ ହୋଇଥିଲା।



ବାର୍ଷିକ ବିଜ୍ଞାନ ମେଳାରେ ଯୋଗଦେଇଥିବା ଅତିଥି।

### ଉତ୍ତରପ୍ରଦେଶର ସାଇବର ଠକେଇ ମାମଲା: ଯୁବକ ଗିରଫ

ମୋରଡା,୨୪।୭(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପୋଲିସ ସାଇବର ଠକେଇ ମାମଲାରେ ଅଭିଷେକ ପୃଷ୍ଟି ନାମକ ଯୁବକଙ୍କୁ ସୋମବାର ଗିରଫ କରିଛି। ଉତ୍ତରପ୍ରଦେଶରେ ସାଇବର ଠକେଇ ମାମଲାରେ ଅଭିଷେକ ସମ୍ପୃକ୍ତ ଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ମୋରଡ଼ା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ସୂଚନା ଅନୁଯାୟୀ, କାମଦେବ ପାଠୀ ନାମକ ଜଣେ ଯୁବକ ବାରିପଦାସ୍ଥିତ ଏକ ଏୟାରଟେଲ ଡିଷ୍ଟ୍ରିବ୍ୟୁଟର କେନ୍ଦ୍ରରୁ ୨୦୨୨ ନଭେମ୍ବର ୧୧ରେ ସିମ୍ କିଣିଥିଲେ। ଅଭିଷେକ ଉକ୍ତ କେନ୍ଦ୍ରରେ ମ୍ୟାନେଜର ଥିଲେ। କିଛିଦିନ ତଳେ ଉତ୍ତରପ୍ରଦେଶର ୧ ଲକ୍ଷ ୨୫ ହଜାର ଟଙ୍କାର ସାଇବର ଠକେଇ ହୋଇଥିଲା। ସାଇବର ଠକେଇରେ ବ୍ୟବହୃତ ହୋଇଥିବା ମୋବାଇଲ ନମ୍ବର କାମଦେବଙ୍କ ନାମରେ ରହିଥିବା ଜାଣିବାକୁ ପାଇବା ପରେ ସେ ସଙ୍ଗେ ସଙ୍ଗେ ମୋରଡ଼ା ଥାନାର ଆଶ୍ରୟ ନେଇଥିଲେ। ମୟୂରଭଞ୍ଜ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ମୋରଡ଼ା ଓ ସାଇବର ପୋଲିସ ତଦନ୍ତ କରି ଏ ସଂକ୍ରାନ୍ତରେ ବହୁ ତଥ୍ୟ ଜାଣିବାକୁ ପାଇଥିଲେ ।

# ମେଗା ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ସାଧାରଣ ସଭାରେ ମନ୍ତ୍ରୀ ଇଂ.ପ୍ରୀତିରଞ୍ଜନ ଘଡେଇ ଉଦ୍‌ବୋଧନ ଦେଉଛନ୍ତି।

କାଳିଆପାଣି,୨୪।୭(ଅସିତ ମହାନ୍ତି)

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ନିର୍ମାଣଧୀନ ମେଗା ପାନୀୟ ଜଳ ପ୍ରକଳ୍ପରୁ ବାଦ ପଡିଥିବା କାଳିଆପାଣି ପଞ୍ଚାୟତକୁ ନୂତନ ଭାବେ ସାମିଲ କରାଯାଇଛି । ଉକ୍ତ ପଞ୍ଚାୟତରେ ୩ କୋଟି ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ସୋମବାର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଇଂ. ପ୍ରୀତି ରଞ୍ଜନ ଘଡେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିଳାନ୍ୟାସ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ସାଧାରଣ ସଭାରେ ଗ୍ରାମର ମୁରବୀ ଭରତ ଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ମନ୍ତ୍ରୀ ଇଂ. ଘଡେଇ କହିଲେ, ସରକାରଙ୍କ ନବୀନ ଓଡ଼ିଶା ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଲେଖାଏ ଦିଆଯାଉଛି। ଏଥିସହ ପଞ୍ଚାୟତର ମଠ, ମନ୍ଦିର, ରାସ୍ତା, ପାର୍କ, ଷ୍ଟ୍ରୀଟ ଲାଇଟ ପାଇଁ ଅର୍ଥ ମଞ୍ଜୁର କରାଯାଇଛି । ସୁକିନ୍ଦା ରିଜିୟନ କ୍ରୋମାଇଟ୍ ମଜଦୁର ସଂଘର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଜେମା ଚାଖି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତି, ସ୍ଥାନୀୟ ସରପଞ୍ଚ ବିକାଶ ପାତ୍ର, ସମିତି ସଭ୍ୟ ସାଲୁକା ହନେଗା ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ଯାତ୍ରା କମିଟି ବୈଠକ



**ରାଜନଗର,୨୪।୭ (ଭାସ୍କର ରାଉତରାୟ):** ରାଜନଗର ବ୍ଲକ ସଦର ମହକୁମାସ୍ଥିତ ରେଣୁକା ମଣ୍ଡପ ପରିସରରେ ବ୍ଲକସ୍ତରୀୟ ଯାତ୍ରା କମିଟି ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଘବେଶ୍ୱର ଯାତ୍ରା କମିଟି ସଭାପତି ମହେଶ୍ୱର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ଯାତ୍ରା କମିଟି ସଭାପତି ମିହିର ସାମଲ, ମୁଖ୍ୟବକ୍ତା ଭାବେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଜ୍ଞାନ ବଲ୍ଲଭ ମହାନ୍ତି ଓ ସମ୍ମାନୀତ ଅତିଥି ଭାବେ ବିବେକ ବେହେରା ଯୋଗଦେଇଥିଲେ। ରାଜନଗର ବ୍ଲକର ବିଭିନ୍ନ ଯାତ୍ରା କମିଟିର କର୍ମକର୍ତ୍ତାମାନେ ଯୋଗଦେଇ ଯାତ୍ରା ମଞ୍ଚସ୍ଥ କରିବାରେ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସଂଘ ଓ ରାଜ୍ୟ ମହାସଂଘର ନିଷ୍ପତ୍ତି ଅନୁଯାୟୀ, ସମସ୍ତ କାର୍ଯ୍ୟ ପରିଚାଳନା କରାଯିବାକୁ ସମସ୍ତେ ମତ ରଖିଥିଲେ। ଏହି ବୈଠକରେ ବସନ୍ତ କୁମାର ହାତି, ପ୍ରଭାତ କୁମାର ପ୍ରଧାନ, କମଳାକାନ୍ତ ରାଉତ, ସୋମନାଥ ସ୍ୱାଇଁ, ମଧୁସୂଦନ ଜେନା, ସଞ୍ଜୟ କୁମାର ସ୍ୱାଇଁ, ଦୁଃଶାସନ ଦାସ, ଗଙ୍ଗାଧର ଦାସ, ବିଜୟ ବିଶ୍ୱାଳ, ବିକାଶ ପାତ୍ର, ନିରଞ୍ଜନ ଜେନା, ରାଜକିଶୋର ପାଣି, ଅଶ୍ୱିନୀ କୁମାର ରାଉତ, ସୁନାମଣି ଜେନା, ମହେଶ୍ୱର ବେହେରା, ସତ୍ୟାନନ୍ଦ ସାମଲ, ସତ୍ୟବାନ ସେଠୀ, ଘନଶ୍ୟାମ ପରିଡା, ପ୍ରବୀଣ କୁମାର ରାଉତ, ଅଶ୍ୱିନୀ କୁମାର ରାଉତ, ଅନିରୁଦ୍ଧ ପରିଡା, ଅରୁଣ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଭାଗବତ ଚିନ୍ତାଧାରା ସୃଷ୍ଟି ପାଇଁ ପଠନ ଜରୁରୀ

**ମାର୍ଶାଘାଇ,୨୪।୭ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):** ଗ୍ରାମାଞ୍ଚଳରୁ କାଳକ୍ରମେ ହଜି ଯାଉଥିବା ସଂସ୍କୃତି, ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ଓ ଲୋପ ପାଇବାକୁ ବସିଥିବା ଭାଗବତ ଟୁଙ୍ଗୀର ପୁନଃରୁଦ୍ଧାର ଏକାନ୍ତ ଆବଶ୍ୟକ। ମନ ଭିତରେ ଭାଗବତ ଚିନ୍ତାଧାରା ସୃଷ୍ଟି ପାଇଁ ଏହାର ପଠନ ଜରୁରୀ ଅଟେ ବୋଲି ବକ୍ତାମାନେ କହିଛନ୍ତି। ସୋମବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ତାଲସଙ୍ଗା ସିଦ୍ଧେଶ୍ୱର ମହାଦେବ ମନ୍ଦିର ପରିସରରେ ମାର୍ଶାଘାଇ ବ୍ଲକସ୍ତରୀୟ ଭାଗବତ ଟୁଙ୍ଗି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗବତ ଟୁଙ୍ଗି ପ୍ରଚାର ସମିତିର ରାଜ୍ୟ ସଭାପତି ନଙ୍ଗୁଳି ବାବା, ରାଜ୍ୟ ଉପସଭାପତି ସୁବ୍ରତ କୁମାର ରାଉତ, ଜିଲା ସଭାପତି ସୁରେନ୍ଦ୍ର ନାଥ ଶତପଥୀ, ଜିଲା ସମ୍ପାଦକ ପ୍ରଦୀପ ସାହୁ, ବ୍ଲକ ସଭାପତି ଜ୍ୟୋତ୍ରିମୟ ପରିଡା, ସମ୍ପାଦକ ପ୍ରସନ୍ନ ଦାସ ଯୋଗଦେଇ ନିଜ ନିଜ ସମସ୍ୟା ଭାଗବତ ଟୁଙ୍ଗୀରେ ବସି ସମାଧାନ କରିବା ଉଚିତ। ଭାଗବତ ପ୍ରେମୀଙ୍କ ଅଦାଲତ ଭାଗବତ ଟୁଙ୍ଗି ହେବା ଉଚିତ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ବୈଠକରେ ଯୋଗ ଦେଇଥିବା ବିଭିନ୍ନ ଟୁଙ୍ଗିର ସଦସ୍ୟମାନଙ୍କୁ ଚାରା ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଂଯୋଜକ ବିଜୟ ନାୟକ, ପୂର୍ବତନ ସରପଞ୍ଚ ରଞ୍ଜିତ ପରିଡା, ସୁରେନ୍ଦ୍ର ବେହେରା, ସରୋଜ ଦାସ, ସତ୍ୟଭାମା ପରିଡା, ଦେବେନ୍ଦ୍ର ପଣ୍ଡା, ସସ୍ମିତା ବେହେରା, ରଜତ ଓଝା, କୁଳମଣି ନାୟକ, ଅନାଦି ବାବା, ତ୍ରିଲୋଚନ ବାରିକ, କେଶବ ପତି, ସନ୍ତୋଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଜବରଦଖଲ: ଚାଷଜମିକୁ କେନାଲ ପାଣି ଯାଉନି

## ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚିନ୍ତାରେ ଚାଷୀକୂଳ

କେନ୍ଦ୍ରାପଡ଼ା,୨୪।୭( ଜଗନ୍ନାଥ ଧଳ)



ଜଳ ପ୍ରବେଶପଥକୁ ଜବରଦଖଲ କରାଯାଇଛି।



ନୟନଯୋରି ଜଳଯୋଗାଣ ପ୍ରବେଶ ପଥରେ ବନ୍ଧ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜବରଦଖଲ ସମସ୍ୟା ବଢ଼ିବାରେ ଲାଗିଛି। ପ୍ରଶାସନର ଉଦାସୀନତା ଯୋଗୁଁ ସାଧାରଣ ଚାଷୀ ହୀନସ୍ତା ଭୋଗୁଥିବା ବେଳେ ଚାଷ କ୍ଷେତକୁ କେନାଲ ପାଣି ମାଡୁନାହିଁ। ଗ୍ରାମାଞ୍ଚଳରେ ଜମି ଜବରଦଖଲ ଦୂରର କଥା ପଟ୍ଟାମୁଣ୍ଡାଇ ସହର ମହକୁମା ଓ ତା'ର ଆଖପାଖ ଅଞ୍ଚଳରେ ମୂଲ୍ୟବାନ ସରକାରୀ ଜମି ସମେତ ଗୋଚର, ଅନାବାଦୀ, ଜଳସେଚନ ବିଭାଗର କେନାଲ ବନ୍ଧ ଓ ନୟନଯୋରୀ ଜମିକୁ ମାଡ଼ିବସି ଘର କରୁଛନ୍ତି। ଫଳରେ ଜମିକୁ ପାଣି ନ ଯିବାରୁ ଅଞ୍ଚଳର ଚାଷୀ ଚିନ୍ତାରେ ପଡ଼ିଛନ୍ତି।

ସାମାଜିକ କର୍ମୀ ଅଶୋକ ଲେଙ୍କା କହିଛନ୍ତି, ପଟ୍ଟାମୁଣ୍ଡାଇ ସହର ଉପକଣ୍ଠ ପୋଖରିଆପଡ଼ା ଗ୍ରାମ ସନ୍ନିକଟ ପଟ୍ଟାମୁଣ୍ଡାଇ-ରାଜନଗର ତଳରାସ୍ତା ଉଭୟ ପାର୍ଶ୍ୱରେ ଥିବା ଶତାଧିକ ଏକର ଚାଷଜମିକୁ ପୋଖରିଆପଡ଼ା ମାଇନର କେନାଲ ପାଣି ପ୍ରବେଶ ଓ ଉଦ୍‌ବୃତ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। କାରଣ ସେହି ପାର୍ଶ୍ୱରେ ଜଳସେଚନ ବିଭାଗର ଥିବା ନୟନଯୋରି ଓ କେନାଲକୁ ପୋତି ତାହା ଉପରେ କେତେଜଣ ଲୋକ ଘର କରି ଦେଇଛନ୍ତି। କେନାଲ ଜଳ ଲୋକଙ୍କ ଚାଷ ଜମି ପହଞ୍ଚି ପାରୁନାହିଁ। ଫଳରେ ଚାଷୀ ଫସଲହାନୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚାଷୀ ରଞ୍ଜିତ ଜେନା କହିଛନ୍ତି, କଖାରୁଣୀ ପୋଲ ଛକ ଗୋବରୀ ସମ୍ପ୍ରସାରିତ କେନାଲ ବାମପାର୍ଶ୍ୱରେ ଥିବା ଜଳସେଚନ ବିଭାଗର ୩ ଏକରରୁ ଊର୍ଦ୍ଧ୍ୱ ନୟନଯୋରିକୁ ଜବରଦଖଲ କରାଯାଇ ବନ୍ଧ କରି ଜାଗା ବ୍ୟବସାୟ କରାଯିବା ଯୋଗୁ ସମସ୍ୟା ସୃଷ୍ଟି ହୋଇଛି। ଏଥିଯୋଗୁ ହେକ୍ଟର ହେକ୍ଟର ଚାଷ ଜମିକୁ କେନାଲ ପାଣି ପ୍ରବେଶ କରିପାରୁନାହିଁ। ଫଳରେ ସେଠାରେ ଚାଷ କାମ ଆଗେଇ ପାରୁନି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗ ଓ ଜିଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବୁଦ୍ଧିଜୀବୀ ପ୍ରଫୁଲ୍ଲ ଦାସ କହିଛନ୍ତି, ପୋଖରିଆପଡା ଓ ମାଟିଆ ମୌଜାର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ନୟନଯୋରି ଓ କେନାଲ ଜାଗାକୁ ଅତି ଚତୁରତାର ସହ ପଟ୍ଟା କରି ନେଇଯାଇଛନ୍ତି। ପଟ୍ଟାମୁଣ୍ଡାଇ ତହସିଲର ଖାତା ନଂ. ୪୮୦ ଜସମ୍ପଦ ଜାଗା ପ୍ଲଟ୍ ନମ୍ବର ୯୪,୫୭୪ ପତିତ ଜମି ଓ ପ୍ଲଟ ନଂ. ୧୨୩୦,୫୬. ୨୧୬, ୩୪୬, ୪୬୯ କେନାଲ ଜମି, ୬୧୬,୬୧୭ ନୟନଯୋରି ଜାଗା ଓ ୧୨୩୧, ୧୨୨୯ କେନାଲ ବନ୍ଧ ରାସ୍ତା ସମୁଦାୟ ପ୍ରାୟ ୪ ଏକରରୁ ଊର୍ଦ୍ଧ୍ୱ ଜାଗା ଏବେ ଜବରଦଖଲକାରୀଙ୍କ ଅକତିଆରରେ ଅଛି। ଫଳରେ ଏହାର ପଛପଟରେ ଥିବା ଚାଷ କ୍ଷେତକୁ ଏବେ ପାଣି ନ ଯିବାରୁ ଜମି ପଡ଼ିଆ ପଡ଼ିଛି। ଆଇନଜୀବୀ ପ୍ରଭାତ ବେରା କହିଛନ୍ତି, ନୟନଯୋରି ବା କେନାଲ କିସମ ସରକାରୀ ଜମି କୌଣସି ପରିସ୍ଥିତିରେ କାହାରି ହାତକୁ ଟେକି ଦିଆଯାଇ ପାରିବ ନାହିଁ। ଏହି ଜମିର କିସମ ମଧ୍ୟ ବଦଳି ପାରିବ ନାହିଁ। ଯଦି ସେ ସ୍ଥାନରେ କୌଣସି କେନାଲ ବା ଜଳାଶୟ ନ ଥାଏ ଏବଂ କୌଣସି ସରକାରୀ ଭିତ୍ତିଭୂମି ବିକାଶ ପାଇଁ ଆବଶ୍ୟକତା ପଡ଼େ, ତେବେ ଆରଡିସିଙ୍କ ଅନୁମୋଦନ ପରେ ନୟନଯୋରି କିସମକୁ ବଦଳା ଯାଇପାରିବ। କିନ୍ତୁ କୌଣସି ପରିସ୍ଥିତିରେ ବ୍ୟକ୍ତିଗତ ଭାବେ କାହାକୁ ଲାଭ ଦେବା ପାଇଁ ଜମିର କିସମ ପରିବର୍ତ୍ତନ କରାଯାଇ ପାରିବ ନାହିଁ ବୋଲି ରାଜସ୍ୱ ବିଭାଗର ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ମାତ୍ର ପଟ୍ଟାମୁଣ୍ଡାଇରେ ଏହାକୁ ଉପେକ୍ଷା କରାଯାଇ ବିଭିନ୍ନ ଜାଗାରେ ଏପରି ଜବରଦଖଲ ହୋଇ ଚାଲିଛି। ବର୍ଷା ହେଉ କି ନ ହେଉ, ଚାଷୀକୂଳ ଏହି କେନାଲ ପାଣି ଦ୍ୱାରା ନିଜର ଚାଷ କାର୍ଯ୍ୟ ତ୍ୱରାନ୍ୱିତ କରିଥାନ୍ତି। ଚଳିତବର୍ଷ ଏ ପର୍ଯ୍ୟନ୍ତ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଯଦି ପଟ୍ଟାମୁଣ୍ଡାଇ ସଦର ମହକୁମାରେ ଏଭଳି ସ୍ଥିତି ହୋଇପାରେ ତାହା ହେଲେ ଗ୍ରାମାଞ୍ଚଳରେ କିପରି ଜବରଦଖଲକାରୀ ସରକାରୀ ଜମିକୁ ନିଜ କବ୍‌ଜାକୁ ନେଇଥିବେ ଏଥିରୁ ସ୍ପଷ୍ଟ ଅନୁମେୟ। ତୁରନ୍ତ ଏହି ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ନ ଦେଲେ ଆଗକୁ ପରିସ୍ଥିତି ଅଣାୟତ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସେମାନେ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଦିଲୀପ ସେଠୀଙ୍କୁ ପଚାରିବାରୁ ଏପରି ଅଭିଯୋଗ ମୁଁ ପାଇଛି, ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ବାଲିଆ ପଞ୍ଚାୟତରେ ପଲ୍ଲିରେ ପ୍ରଶାସନ: ୧୭୮ ଅଭିଯୋଗ



ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଡେରାବିଶ, ୨୪।୭ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବାଲିଆ ସରପଞ୍ଚ ପ୍ରବୀର ସିଂ, ସମିତିସଭ୍ୟା ସସ୍ମିତା ବଳ ଉପସ୍ଥିତ ରହିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ବିଡିଓ ଦାସରଥି ଜେନା, ତହସିଲଦାର ଅକ୍ଷୟ କୁମାର ପରିଡା, ଏବିଡିଓ ଭଞ୍ଜକିଶୋର ନାୟକ ଉପସ୍ଥିତ ରହି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ଆସିଥିବା ୧୭୮ଟି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ମଧ୍ୟରେ ସରକାରଙ୍କର ମୋ ଘର ଯୋଜନାରେ ସାମିଲ ହେବା ପାଇଁ ଅଧିକାଂଶ ଦରଖାସ୍ତ ରହିଥିଲା। ସେହିପରି ବାସଗୃହ ଯୋଜନା ଏବଂ ରାଶନ କାର୍ଡ ତଥା ଭତ୍ତାରୁ ବଞ୍ଚିତ ଥିବା ହିତାଧିକାରୀ ସେମାନଙ୍କ ଅଭିଯୋଗ ପ୍ରଦାନ କରିଥିଲେ। କେତେକ ଅଭିଯୋଗର ତ୍ୱରିତ ସମାଧାନ କରାଯିବା ସହ ଅନ୍ୟ ଅଭିଯୋଗ ଗୁଡ଼ିକ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବିଡିଓ ଜେନା ପଠାଇଥିଲେ। ସେହିପରି ଜମି ଜମା ସଂକ୍ରାନ୍ତୀୟ ଆସିଥିବା ଅଭିଯୋଗର ତହସିଲଦାର ପରିଡା ଶୁଣାଣୀ ମଧ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ବିଭୁଦତ୍ତ ଦାସ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗମାନ ଗ୍ରହଣ କରିଥିଲେ। ଏହି ଶିବିରରେ ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇଥିଲା। ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୋଲା ଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ପରୀପ୍ରେକ୍ଷୀରେ ଏଣ୍ଡର ପଞ୍ଚାୟତ ଏଣ୍ଡର ଗ୍ରାମର ୧୩ ନଂ. ୱାର୍ଡକୁ ରାସ୍ତା ନ ଥିବା ଏବଂ ୱାର୍ଡର ଅଧିବାସୀ ପିଣ୍ଡାରୁ ଓହ୍ଲାଇଲେ କାଦୁଅରେ ଗୋଡ଼ ପକାଇବା ଆଦି ନେଇ ପୂର୍ବତନ ସରପଞ୍ଚ ରଜନୀକାନ୍ତ ମହାନ୍ତି ଏକ ଅଭିଯୋଗ କରିବା ସହ ତୁରନ୍ତ ଏହି ରାସ୍ତା ନିର୍ମାଣ ପାଇଁ ବିଡିଓଙ୍କ ନିକଟରେ ଦାବି କରିଥିଲେ। ବିଡିଓ ଜେନା ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚଙ୍କୁ ପଞ୍ଚାୟତ ପକ୍ଷରୁ ଏହି ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବାଲିଆ ପଞ୍ଚାୟତରେ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ଜଣେ ବ୍ୟକ୍ତିଙ୍କ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ ପାଇଁ ପୂର୍ବତନ ସରପଞ୍ଚ ଭବାନୀ ଶଙ୍କର ଭୋଇ ତହସିଲଦାର ପରିଡାଙ୍କ ନିକଟରେ ଦାବି ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟଜିତ ପରିଡା, ତାପସ କୁମାର ଜେନା, ଅନିଲ କୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ୟୁପିଏଚସିରେ ହେବ ୨୪ ଘଣ୍ଟା ସ୍ୱାସ୍ଥ୍ୟସେବା

**କେନ୍ଦ୍ରାପଡ଼ା, ୨୪।୭ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା, ଝାରସୁଗଡ଼ା ଓ ଢେଙ୍କାନାଳ ଅର୍ବାନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ୟୁପିଏଚସି) ରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ମିଳିବ। ଏହି ଆଭିମୁଖ୍ୟରେ ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଡା. ଅଜିତ କୁମାର ମହାନ୍ତି ୨୧ ତାରିଖରେ ୩ ଜିଲାର ସିଡିଏମ୍‌ଓଙ୍କୁ ଚିଠି (ନଂ. ୧୭୩୭୦) କରିଛନ୍ତି। ଏହି ଚିଠି ଅନୁଯାୟୀ, ୩ ଜିଲାର ମୁଖ୍ୟ ଚିକିତ୍ସାଳୟର ସ୍ଥାନ ପରିବର୍ତ୍ତିତ ହୋଇଛି। ପୂର୍ବରେ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନରେ ସ୍ଥାପନା ହୋଇଥିବା ୟୁପିଏଚସିରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ଲିଭ ଟ୍ରେନିଂ ରିଜର୍ଭ ମେଡିକାଲ ଅଫିସର (ଏଲଟିଆର୍‌ଏମ୍‌ଓ) ନିଯୁକ୍ତି ପାଇବେ। ବିଶେଷଜ୍ଞ ଡାକ୍ତରଙ୍କ ପାଇଁ ସ୍ୱତନ୍ତ୍ର ଦିନ ଧାର୍ଯ୍ୟ ହେବ। ଜରୁରୀକାଳୀନ ସ୍ଥିତି ପାଇଁ ୪ ଶଯ୍ୟା ରହିଥିବା ବେଳେ ପରୀକ୍ଷାଗାରର ଉନ୍ନତିକରଣ କରାଯିବ। ଫଳରେ ଖଡ଼ିଅଙ୍ଗସ୍ଥ ଅର୍ବାନ ପିଏଚସିରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ମିଳିବ। ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାର ଉନ୍ନତିକରଣ ପାଇଁ ୫ ହଜାର ଏଲଟିଆର୍‌ଏମ୍‌ଓ ପଦବୀକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏମାନେ ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ, ୩୨ ଉପଖଣ୍ଡ ଚିକିତ୍ସାଳୟ, ୩୭୫ ସିଏଚସି, ୟୁସିଏଚସି, କ୍ୟାପିଟାଲ ହସ୍ପିଟାଲ ଓ ରାଉରକେଲା ସରକାରୀ ହସ୍ପିଟାଲରେ ନିଯୁକ୍ତି ପାଇବେ।

## ମାର୍ଶାଘାଇରେ ଜିଲାପାଳଙ୍କ ମିଳିତ ଜନଶୁଣାଣି



ମିଳିତ ଜନଶୁଣାଣିରେ ଜିଲାପାଳ ଅମୃତ ଋତୁରାଜ ଓ ଅନ୍ୟମାନେ।

**ମାର୍ଶାଘାଇ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )**

ମାର୍ଶାଘାଇ ବ୍ଲକ ସଭାଗୃହରେ କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୫୯ଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ୧୨ ଗୋଟି ସାମୁହିକ ଥିବା ବେଳେ ବାକି ୧୪୭ ବ୍ୟକ୍ତିଗତ ଅଭିଯୋଗ ଥିଲା। ସାମୁହିକ ଅଭିଯୋଗ ମଧ୍ୟରୁ ବଟିରା, ଅଙ୍ଗୁଲାଇ ପଞ୍ଚାୟତରେ ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା, କରିଲୋପାଟଣାଠାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ବିଦ୍ୟୁତୀ କରଣ ପାଇଁ ଦାବି, ମଣିକୁଣ୍ଡାଠାରେ ଥିବା କେନାଲ ସଫେଇ ପାଇଁ ଦାବି ଆଦି କରାଯାଇଥିଲା। ବ୍ୟକ୍ତିଗତ ଅଭିଯୋଗ ମୁଖ୍ୟତଃ ଆବାସ ଯୋଜନାରେ ଘର, ଭତ୍ତା, ରାଶନ କାର୍ଡ, ଚିକିତ୍ସା ଖର୍ଚ୍ଚ ପ୍ରଭୃତି ରହିଥିଲା। ଏହି ଅବସରରେ ଭିନ୍ନକ୍ଷମ ଥିବା ଦାଁଅର ମୁଣ୍ଡ ଗ୍ରାମର ନୃସିଂହ ବାରିକଙ୍କୁ ୩ ଚକିଆ ସାଇକେଲ ପ୍ରଦାନ କରାଯାଇଥିଲା। ଭଗବାନପୁର ଗ୍ରାମର ସୂଚନା କର୍ମୀ ନୃସିଂହ ରାଉତ ବ୍ଲକ ପ୍ରଶାସନକୁ କୌଣସି ସୂଚନା ମାଗିଲେ ତାହା ମିଳୁ ନ ଥିବା ନେଇ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଶିବିରରେ ଜିଲାପାଳ ଅମୃତ ଋତୁରାଜ, ଅତିରିକ୍ତ ଏସ୍‌ପି ହରେଶ ପାଣ୍ଡେ, ପିଡି ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ବିଡିଓ ଉମାଶଙ୍କର ବେହେରା, ତହସିଲଦାର ଶ୍ରୀକାନ୍ତ ପରିଜା, ଅତିରିକ୍ତ ତହସିଲଦାର ଅଶୋକ ବେହେରା, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ ଓ ସିଡିଏମ୍‌ଓ ଅନିତା ପଟ୍ଟନାୟକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବନ୍ତଳା ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

**ପାଟକୁରା,୨୪।୭ (ରବୀନ୍ଦ୍ରନାଥ ବାରିକ)**



ପଲ୍ଲୀରେ ପ୍ରଶାସନରେ ଉପସ୍ଥିତ ଅଧିକାରୀମାନେ।

ଗରଦପୁର ବ୍ଲକ ବନ୍ତଳା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗରଦପୁର ବିଡିଓ ଧର୍ମ ରଞ୍ଜନ ପଣ୍ଡା, ଏବିଡିଓ ପ୍ରଶାନ୍ତ କୁମାର ଜେନା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ସୂର୍ଯ୍ୟମଣୀ ଟୁଡୁ, ଗ୍ରମ ରୋଜଗାର ସେବକ କୈଳାସ ପରିଡାଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗ ଶୁଣିବା ସହ ସମାଧାନ କରିଥିଲେ। ତେବେ ବିଶେଷ କରି ଆବାସ ଗୃହ ଓ ଭତ୍ତା ସହ ଆଧାର ସଂଯୋଗ ଉପରେ ବହୁ ଅଭିଯୋଗ ହୋଇଥିଲା। ଏଥିସହ ବର୍ଷା ଋତୁ ଯୋଗୁ ସ୍ୱାସ୍ଥ୍ୟ ବିଭାଗକୁ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ମଧ୍ୟ ଅଭିଯୋଗ ହୋଇଅଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ରଞ୍ଜନ ନାୟକ, ସମିତିସଭ୍ୟ ବଜ୍ର କିଶୋର ସାହୁଙ୍କ ସମେତ ବିଭିନ୍ନ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ନିକିରାଇ ଗଣବଳାତ୍କାର ମାମଲା
## ୪ ବର୍ଷ ପରେ ଧରା ପଡ଼ିଲେ ଫେରାର ମହେଶ୍ୱର

**କେନ୍ଦ୍ରାପଡ଼ା, ୨୩।୭ (ଜଗନ୍ନାଥ ଧଳ)**



ମହେଶ୍ୱର ସାହୁ

୨୦୧୯ରେ କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଞ୍ଚଳର ଜଣେ ମହିଳା ଗଣ ବଳାତ୍କାର ମାମଲାର ମୁଖ୍ୟ ଅଭିଯୁକ୍ତ ମହେଶ୍ୱର ସାହୁ ରବିବାର ଧରାପଡ଼ିଛନ୍ତି। ସୋମବାର ଏସ୍‌ଡିଜେଏମ୍ କୋର୍ଟରେ ହାଜର ପରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ବାରିମୂଳସ୍ଥ ଉପକାରାଗାରକୁ ପଠାଯାଇଛି। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ମହେଶ୍ୱରଙ୍କ ସ୍ତ୍ରୀ ଝରଣା ଏବେ ବି ଫେରାର ଅଛନ୍ତି। କେସ ନଂ. ୭୩/ ୧୯ ଅନୁଯାୟୀ ୨୦୧୯ ଜୁନ ୨୮ ମଧ୍ୟ ରାତିରେ ପୀଡିତା ମହିଳାଙ୍କୁ ନିକଟସ୍ଥ ପୋଇପାଟ କ୍ଷେତ ଅଞ୍ଚଳରେ ଗଣ ବଳାତ୍କାର ହୋଇଥିଲା। ପୀଡିତାଙ୍କୁ ମୁମୂର୍ଷୁ ଅବସ୍ଥାରେ ପରଦିନ ସକାଳେ ଉଦ୍ଧାର କରାଯାଇଥିଲା। ଏହି ଗଣବଳାତ୍କାରରେ ୭ ଜଣଙ୍କ ନାମରେ ନିକିରାଇ ଥାନାରେ ମାମଲା ହୋଇଥିଲା। ଇତିମଧ୍ୟରେ ମାମଲାର ଶୁଣାଣି ପରେ ୪ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ ହୋଇଥିବା ବେଳେ ଅନ୍ୟତମ ଅଭିଯୁକ୍ତ ରାମଚନ୍ଦ୍ର ମଲ୍ଲିକଙ୍କୁ ଜେଲ ଦଣ୍ଡାଦେଶ ହୋଇଛି। ଥାନାରେ ମାମଲା ପୂର୍ବରୁ ମହେଶ୍ୱର ଓ ଝରଣା ଫେରାର ହୋଇ ଯାଇଥିଲେ। ତେବେ ମହେଶ୍ୱରଙ୍କ ମା'ଙ୍କ ଦେହାନ୍ତ ପରେ ଦଶାହ ସଂସ୍କାର ପାଇଁ କଳସପୁର ଗ୍ରାମକୁ ଆସିଥିଲେ। ପୋଲିସ ସେଠାରୁ ତାଙ୍କୁ ଗିରଫ କରିଥିଲା। ଏକ ଜମିଜମା ଗଣ୍ଡଗୋଳ ପାଇଁ ଏହି ଗଣବଳାତ୍କାର ହୋଇଥିବା ମାମଲାର ତଦନ୍ତରୁ ଜଣାପଡ଼ିଥିଲା।




ଆୟକର ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ।

## ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟରେ ଆୟକର ଦିବସ

**କେନ୍ଦ୍ରାପଡ଼ା,୨୪।୭(ଜଗନ୍ନାଥ ଧଳ)**

ରାଜକନିକାର ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟରେ ସୋମବାର ଆୟକର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ପ୍ରଯୁକ୍ତା ପ୍ରିୟଦର୍ଶିନୀଙ୍କ ତତ୍ତ୍ୱବଧାନରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବାଣିଜ୍ୟ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଅଧ୍ୟାପିକା ତୃପ୍ତି ରାଉତ ଏବଂ ପ୍ରାଧ୍ୟାପିକା ଡ. ମିଥିଳା ଦାସ ପ୍ରମୁଖ ଯୋଗଦେଇ ଆୟକର ଭରଣ କରିବା ସମ୍ପର୍କୀତ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ସଞ୍ଜୟ କୁମାର ମହାନ୍ତି, ପ୍ରାଧ୍ୟାପକ ଡ. ମିର୍ଜା ଇବ୍ରାହିମ ବେଗ୍ ଏବଂ ଅଧ୍ୟାପକ ମନୋରଞ୍ଜନ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ସାହୁ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଛାତ୍ର ଏମ୍. ଡି ହୁସେନ ଧନ୍ୟବାଦ ଦେଇଥିଲେ। ରାଜଲକ୍ଷ୍ମୀ, ଆଶିଷ, ସୋନାଲି, ମୋନାଲିସା, ଜଗନ୍ନାଥ, ଅନୁପମା, ଚନ୍ଦ୍ରକାନ୍ତଙ୍କ ସମେତ ବିଭାଗର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭୂତ ଜମି ବିକିବା ଘଟଣା, ମୂଳ ଖାତାକୁ ଫେରିବ ଜମି

**ରାଜନଗର, ୨୪।୭ (ଭାସ୍କର ରାଉତରାୟ)**

କେନ୍ଦ୍ରାପଡ଼ା ଜିଲା ରାଜନଗର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଭୂତ ଜମି ବିକିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଜମି କବଲା ହୋଇ ପଟ୍ଟା ହୋଇଥିଲେ ମଧ୍ୟ ତାକୁ ମୂଳ ଖାତାକୁ ଫେରାଇ ଆଣିବାକୁ ରାଜନଗର ତହସିଲଦାର କେନ୍ଦ୍ରାପଡ଼ା ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ଏସ୍‌ପି, ଏସ୍‌ଡିପିଓ ଓ ରାଜନଗର ଥାନାକୁ ରିପୋର୍ଟ ପ୍ରଦାନ କରିଛନ୍ତି। ଦଲିଲ ଓ ପଟ୍ଟା ବାତିଲ କରି ମୂଳ ଖାତାକୁ ଜମି ଫେରାଇ ଆଣିବାକୁ ସୁପାରିଶ କରିଛନ୍ତି। ଅନ୍ୟପକ୍ଷରେ ଷଡ଼ଯନ୍ତ୍ର କରି ନକଲି ଉପେନ୍ଦ୍ର ଖିଲାର ଜମିକୁ ବିକି ଥିବାରୁ ଜମିକୁ ମୂଳ ଖାତାକୁ ଫେରାଇ ଆଣିବାକୁ ତାଙ୍କ ଝିଅ ମଞ୍ଜୁଲତା ବାରିକ କେନ୍ଦ୍ରାପଡ଼ା ଉପଜିଲାପାଳଙ୍କ କୋର୍ଟରେ ଅପିଲ କରିଛନ୍ତି।

ରାଜନଗର ତହସିଲ ଅନ୍ତର୍ଗତ ଭାଟପଡ଼ା ମୌଜାର ଖାତା ନଂ. ୮, ପ୍ଲଟ ନଂ. ୧୬୫ ରକବା ୫ ଏକର ୭୮ ଡେସିମିଲ ଜମି ମାଲିକ ଭଦ୍ରକ ଜିଲା ସାହାଡ଼ାକଚେରୀ ସାହିର ଉପେନ୍ଦ୍ର ଖିଲାର। ଉପେନ୍ଦ୍ରଙ୍କ ୧୯୯୮ରୁ ମୃତ୍ୟୁ ହୋଇ ସାରିଛି। ୨ ମଇ ୨୦୨୩ରେ ଭଦ୍ରକ ଜିଲା ଜାଗୁଲା ଗାଁର କାର୍ତ୍ତିକ ଖିଲାର ନିଜକୁ ଉପେନ୍ଦ୍ର ଖିଲାର ବୋଲି ଦର୍ଶାଇ ଏହି ୫ ଏକ ୭୮ ଡେସିମିଲ ଜମିକୁ ରାଜନଗର ଥାନା ଅନ୍ତର୍ଗତ କୁଶାଇଲୋ ଗାଁର କ୍ଷୀରୋଦ କୁମାର ରାଉତରାୟଙ୍କ ପତ୍ନୀ ରାଧାରାଣୀ ରାଉଳଙ୍କୁ ବିକ୍ରି କରି ଦେଇଛନ୍ତି। କାର୍ତ୍ତିକ ଖିଲାର ଉପେନ୍ଦ୍ର ଖିଲାର ନାଁରେ ନକଲି ଆଧାରକାର୍ଡ ପ୍ରସ୍ତୁତ କରି ଏହି ଜମି ବିକ୍ରି କରିଛନ୍ତି। ପ୍ରକୃତ ଜମି ମାଲିକ ମୃତ ଉପେନ୍ଦ୍ରଙ୍କ ଝିଅ ମଞ୍ଜୁଲତା ଏହା ଜାଣିବା ପରେ ରାଜନଗର ଥାନାରେ ୫ ଜୁନ ୨୦୨୩ରେ ଲିଖିତ ଅଭିଯୋଗ କରିବା ସହ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗରେ ସେ କିପରି ଠକେଇର ଶିକାର ହୋଇଛନ୍ତି ଓ ତାଙ୍କ ଜମିକୁ କିପରି ହଡପ କରାଯାଇଛି, ତା' ଲେଖିବା ସହ ସମସ୍ତ ପ୍ରମାଣପତ୍ର ପୋଲିସ ଓ ତହସିଲଦାରଙ୍କୁ ଦେଇଥିଲେ। ଏ ନେଇ ରାଜନଗର ଥାନାରେ ଦଫା ୪୧୭, ୪୧୮, ୪୧୯, ୪୨୦, ୪୬୫, ୪୬୮, ୪୭୧ ଓ ୩୪ ଆଇପିସିରେ, ନଂ. ୪୨୦/୨୩ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ରାଜନଗର ତହସିଲ ପକ୍ଷରୁ ଜୁଲାଇ ୧୫ରେ ତହସିଲଦାରଙ୍କ କୋର୍ଟରେ ହାଜର ହେବା ପାଇଁ ଜମି କିଣିଥିବା ରାଧାରାଣୀ ରାଉଳ, ବିକ୍ରି କରିଥିବା କାର୍ତ୍ତିକ ଖିଲାର ଓରଫ ନକଲି ଉପେନ୍ଦ୍ର ଖିଲାର, ଦଲିଲରେ ଚିହ୍ନଟି ପଡିଥିବା କାର୍ତ୍ତିକଙ୍କ ପୁଅ ବିଶ୍ୱଜିତ୍ ଖିଲାର, ସାକ୍ଷୀ ପଡିଥିବା କ୍ରେତାଙ୍କ ସ୍ୱାମୀ କ୍ଷୀରୋଦ କୁମାର ରାଉତରାୟ, ଅଭିଯୋଗକାରୀ ମଞ୍ଜୁଲତା ବାରିକଙ୍କୁ ଓ ଦଲିଲ ଲେଖନକାରୀଙ୍କୁ ତହସିଲଦାରଙ୍କ କୋର୍ଟରେ ହାଜର ହେବାକୁ ନୋଟିସ ଦିଆଯାଇଥିଲା। ଅଭିଯୋଗକାରୀଙ୍କ ବାଦ ଆଉ କେହି ଆସି ନ ଥିଲେ। ଭଦ୍ରକ ଓ ଚାନ୍ଦବାଲି ତହସିଲର ଚିଠି ମିଳିବା ପରେ ଏହି ଦଲିଲକୁ ଯୋଜନାବଦ୍ଧ ଷଡ଼ଯନ୍ତ୍ର କରି କରାଯାଇଥିବା ସ୍ପଷ୍ଟ ହୋଇଛି। ଭଦ୍ରକ ତହସିଲ ପକ୍ଷରୁ ଦିଆଯାଇଥିବା ଚିଠିରେ ସାହାଡାକଚେରୀ ସାହିର ଉପେନ୍ଦ୍ର ଖିଲାର ଦୀର୍ଘବର୍ଷ ତଳେ ମୃତ୍ୟୁ ହୋଇଯାଇଛି। ଚାନ୍ଦବାଲି ତହସିଲ ପକ୍ଷରୁ ଯେଉଁ ନୋଟିସ ଜାଗୁଲା ଗାଁକୁ ପଠାଯାଇଥିଲା ଜାଗୁଲା ଗାଁରେ ଉପେନ୍ଦ୍ର ଖିଲାର ନାଁରେ କେହି ନ ଥିବା ତହସିଲ କର୍ମଚାରୀ ଓ ଜାଗୁଲା ଗାଁର ପୋଷ୍ଟ ମାଷ୍ଟର ଲିଖିତ ଭାବେ ରାଜନଗର ତହସିଲକୁ ଜଣାଇଛନ୍ତି। ସେହି ଆଧାରରେ ହୋଇଥିବା କବଲାକୁ ବାତିଲ କରି ମୂଳ ଖାତାକୁ ଜମି ଫେରାଇ ଆଣିବାକୁ ଜିଲା ପ୍ରଶାସନକୁ ରିପୋର୍ଟ ଦିଆଯାଇଛି ବୋଲି ତହସିଲଦାର ଭୂୟାଁ କହିଛନ୍ତି।

## ସଂକ୍ଷେପରେ

### ନୂଆଗାଁରୁ ଦଶପଲ୍ଲା ରେଳପଥକୁ ତଦାରଖ କରିବେ
#### ନିରାପତ୍ତା ଅଧିକାରୀଙ୍କ ଗସ୍ତ ୨୬ରେ

**ନୟାଗଡ଼,୨୪।୭(ଲୋକନାଥ ମିଶ୍ର):** ରେଳ ବିଭାଗର ନିରାପତ୍ତା ଅଧିକାରୀ ଏ.ଏମ. ଚୌଧୁରୀଙ୍କ ନୟାଗଡ଼ ଜିଲା ଗସ୍ତ ୨୬ ତାରିଖରେ ରହିଛି। ନିରାପତ୍ତା ଅଧିକାରୀ ନୂଆଗାଁ ରୋଡ ଠାରୁ ଦଶପଲ୍ଲା ୧୫.୪୫ କିମି ରେଳପଥ ପରିଦର୍ଶନ କରି ତଦାରଖ କରିବେ। ସଂପୃକ୍ତ ରେଳପଥରେ ରେଳ ଚଳାଚଳ କରିବାକୁ ଠିକ୍ ଅଛି ନାଁ କଣ ସାର୍ଟିଫିକେଟ ଦେବା ପରେ ରେଳ ଚଳାଚଳ କରିବ। ଦଶପଲ୍ଲା ଷ୍ଟେସନ ଉଦ୍ଘାଟନ ହେବ। ଏଭଳିସ୍ଥଳେ ଦଶପଲ୍ଲା ଷ୍ଟେଶନ ଅଗଷ୍ଟ ୧୫ରେ ଉଦ୍‌ଘାଟନ୍ତ ହେବବୋଲି କାର୍ଯ୍ୟକ୍ରମ ରହିଛି ବୋଲି ଜଣାପଡ଼ିଛି।

### କାଠ ଜବତ ଘଟଣାରେ ୨ ଗିରଫ

**କୋଦଳା,୨୪।୭(ଅମିତ କୁମାର ପଟ୍ଟନାୟକ):** କୋଦଳା ଥାନା ଅନ୍ତର୍ଗତ ସାତନଳ ଛକରେ ରବିବାର କାଠ ଜବତ ମାମଲାରେ ବନ ବିଭାଗ ପକ୍ଷରୁ ୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଟୁଟୁ ସାମଲ ଏବଂ ଦିଲୀପ ମହାରଣା। ସାତନଳ ଛକରେ ଥିବା ଏକ ଗୃହରେ କାଠପଟା ଥିବା ଖବର ପାଇଁ ପୋଲସରା ଏଏସ୍‌ଏଫ୍ ସଚିନ କୁମାର ପ୍ରଧାନଙ୍କ ନେତୃତ୍ୱରେ ଚଢ଼ାଉ କରି କାଠ ଜବତ କରାଯାଇଥିଲା। ଏହି ସମୟରେ ସ୍ଥାନୀୟ ଲୋକ ବନ ବିଭାଗ କର୍ମଚାରୀଙ୍କ ସହ ଧସ୍ତାଧସ୍ତି ହୋଇଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ କୋଦଳା ଥାନାରେ ଦଶ ଜଣଙ୍କ ନାମରେ ଏତଲା ଦିଆଯାଇଛି। ପୋଲିସ ନଂ. ୩୪୬/୨୦୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ମା' ସିଂହାସନୀ ଶକ୍ତିପୀଠକୁ ୫-ଟି ରୂପାନ୍ତରଣରେ ସାମିଲ ପାଇଁ ନିବେଦନ

**ପୋଲସରା,୨୪।୭(ସୁବ୍ରତ ବେହେରା):** ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ କସିପଡ଼ାସ୍ଥିତ ପାହାଡ଼ ପର୍ବତ ଜଙ୍ଗଲ ମଧ୍ୟରେ ପୂଜା ପାଇ ଆସୁଛନ୍ତି ମା' ସିଂହାସନୀ। ଅଞ୍ଚଳର ଐତିହ୍ୟ, ପରମ୍ପରା ଓ ପ୍ରାଚୀନ କଳା ସଂସ୍କୃତିର ଗୌରବର ଗାଥା କହେ ମା' ସିଂହାସନୀ ଶକ୍ତିପୀଠ। ଏହି ପୀଠକୁ ବର୍ଷସାରା ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିଥାନ୍ତି। ବର୍ତ୍ତମାନ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଦେବାଦେବୀ ମନ୍ଦିର ଏବଂ ପର୍ଯ୍ୟଟନ ସ୍ଥଳକୁ ରୂପାନ୍ତରଣ ପାଇଁ ସରକାର ୫-ଟି ଜରିଆରେ ଅର୍ଥ ଭିଡିଛନ୍ତି। ଗଞ୍ଜାମ ଜିଲାର ତାରାତାରିଣୀ ଓ ବ୍ରହ୍ମପୁର ମା' ବୁଢ଼ୀ ଠାକୁରାଣୀଙ୍କ ସମେତ ଅନେକ ମନ୍ଦିର ନବକଳେବର ନିମନ୍ତେ ଅର୍ଥ ମଞ୍ଜୁର ହୋଇଛି। ତେବେ ଅବହେଳିତ ଅବସ୍ଥାରେ ପଡ଼ି ରହିଛି ମା' ସିଂହାସନୀ ମନ୍ଦିର। ଏଣୁ ଉକ୍ତ ପୀଠକୁ ସୌନ୍ଦର୍ଯ୍ୟକରଣ ୫-ଟି ମାଧ୍ୟମରେ ସାମିଲ କରି ଏହାର ବିକାଶ କରିବାକୁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ନିବେଦନ କରିଛନ୍ତି।

### ମନ୍ଦିର ପରିସରରୁ ବାଇକ ଚୋରି

**କୋଦଳା,୨୪।୭(ଅମିତ କୁମାର ପଟ୍ଟନାୟକ):** ସ୍ଥାନୀୟ ଦଣ୍ଡେଶ୍ୱର ମନ୍ଦିର ପରିସରରୁ ବାଇକ ଚୋରି ହୋଇଯାଇଛି। ସୋମବାର କୋଦଳା ଖଡୁରାସାହିର ସନ୍ତୋଷ ମହାପାତ୍ର ମନ୍ଦିର ନିକଟରେ ନିଜର ବାଇକ ରଖି ଠାକୁର ଦର୍ଶନ କରି ଫେରିବା ବେଳେ ବାଇକ ଚୋରି ହୋଇଯାଇଥିଲା।

# ଧାନ ତଳି ରୋଇ ଅଭିନବ ଉପାୟରେ ପ୍ରତିବାଦ

**ଓଡ଼ଗାଁ, ୨୪।୭ (ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ମୁଖ୍ୟ ବଜାରରେ ଅବସ୍ଥିତ ବିଜେ ଶ୍ରୀରଘୁନାଥଜୀଉଙ୍କ ମାର୍କେଟ କମ୍ପ୍ଲେକ୍ସରେ ଦୁରାବସ୍ଥା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକେ ମାର୍କେଟ କମ୍ପ୍ଲେକ ଜରାଜୀର୍ଣ୍ଣ ହୋଇ ପଡ଼ିଛି। ଏହାର ପରିସରରେ ପାଣି ଜମି ରହୁଛି। ଉତ୍ତ୍ୟକ୍ତ ଲୋକେ କମ୍ପ୍ଲେକ୍ସ ପରିସରରେ ଧାନ ତଳି ରୋଇଛନ୍ତି।

ରାଜାରାଜୁଡ଼ା ଅମଳର ମନ୍ଦିର ଧର୍ମଶାଳାକୁ ଭାଙ୍ଗି ଜିଲା ଦେବୋତ୍ତର ବିଭାଗ ଉକ୍ତ ସ୍ଥାନରେ ଏକ ମାର୍କେଟ କମ୍ପ୍ଲେକ୍ସ ତଥା ବିଶ୍ରାମ କକ୍ଷର ପରିକଳ୍ପନା କରିବା ସହ ୨ ତଳ ମହଲାରେ ୨୪ ଦୋକାନ ଗୃହ ନିର୍ମାଣ କରିଥିଲା। ଏଥି ନିମନ୍ତେ ଆଶାୟୀ ଲୋକଙ୍କଠାରୁ ୨ ଲକ୍ଷ ଟଙ୍କା ଲେଖା ସ୍ଥାୟୀ ଅଗ୍ରୀମ ନେବା ସହ ଲଟେରୀ ମାଧ୍ୟମରେ ସମସ୍ତ ଦୋକାନ ଗୃହ ଆବଣ୍ଟନ କରାଯାଇଥିଲା। ଏହାକୁ ସ୍ଥାନୀୟ ବିଧାୟକ ୫।୫।୨୦୧୮ରେ ଉଦ୍‌ଘାଟନ କରିଥିବା ବେଳେ ତତ୍କାଳୀନ ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ହେଲେ ଦୋକାନ ଗୃହ ବଣ୍ଟନ ହେବାର ସାଢେ ୫ ବର୍ଷ ଅତିକ୍ରମ ହୋଇ ସାରିଥିଲେ ମଧ୍ୟ ସାମାନ୍ୟ ଅସରାଏ ବର୍ଷା ହେଲେ ମାର୍କେଟ କମ୍ପ୍ଲେକ୍ସ ଭିତରେ ଫୁଟେ ଲେଖା ପାଣି ଜମି ରହୁଛି। ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ବେଳେ ବୈଷୟିକ ଜ୍ଞାନ କୌଶଳ ଅଭାବରୁ ବର୍ଷା ଜଳ ନିଷ୍କାସନ ନିମନ୍ତେ କୋଣସି ସୁବିଧା କରାଯାଇନାହିଁ।



ମାର୍କେଟ କମ୍ପ୍ଲେକ୍ସ ପରିସରରେ ଜମିଥିବା ପାଣିରେ ଲୋକେ ଧାନ ତଳି ରୋଉଛନ୍ତି।



ଲକ୍ଷ୍ମୀ ମନ୍ଦିର ସମ୍ମୁଖ କାଦୁଅ।

### ଲକ୍ଷ୍ମୀ ମନ୍ଦିର, ଶ୍ରୀରଘୁନାଥ ମାର୍କେଟ କମ୍ପ୍ଲେକ୍ସର ଦୁରବସ୍ଥା

ପାଣି କାଦୁଅରେ ସେ ଭିତରକୁ ଲୋକେ କିମ୍ବା ଗ୍ରାହକ ଯିବାକୁ ନାପସନ୍ଦ କରୁଛନ୍ତି। ଫଳରେ ବ୍ୟବସାୟୀମାନେ ଅଯଥା କ୍ଷତି ସହୁଛନ୍ତି। ଅନ୍ୟପକ୍ଷେ ବଜାର ପ୍ରବେଶ ପଥର ବାମ ପାର୍ଶ୍ୱରେ ସ୍ଥାନୀୟ ବଜାରର ଆରାଧ୍ୟା ଭାବେ ମା' ଲକ୍ଷ୍ମୀ ଠାକୁରାଣୀ ପୂଜା ପାଇବା ସହିତ ନାନାଦି ପୂଜା ପାର୍ବଣ ଅନୁଷ୍ଠିତ ହେଉଛି। ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ବିଶେଷତଃ ଗୁରୁବାର ସନ୍ଧ୍ୟାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମହିଳାପୁରୁଷଙ୍କ ସମାଗମ ହେବା ସହିତ ସନ୍ଧ୍ୟା ଆଳତି ଦର୍ଶନ କରିଥାନ୍ତି। ହେଲେ ନିୟମିତ ଆସୁଥିବା ଶ୍ରଦ୍ଧାଳୁ ବର୍ଷା ପାଣିରେ ବୁଡ଼ି ରହିବାକୁ ଏକରକମ ବାଧ୍ୟ ହୋଇଥାନ୍ତି। ଏଭଳି ଅସୁବିଧାର ନିରାକରଣ ନିମନ୍ତେ ସ୍ଥାନୀୟ ବ୍ୟବସାୟୀ ଓ ମନ୍ଦିର ପରିଚାଳନା କମିଟି ଏକାଧିକ ଥର ଉପଜିଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋତ୍ତର ବିଭାଗ, ମନ୍ଦିର ପରିଚାଳକ, ବ୍ଲକ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ପାଉ ନ ଥିଲେ। ଫଳସ୍ୱରୂପ ସୋମବାର ପ୍ରତିବାଦରେ ମନ୍ଦିର କମିଟି ସଭାପତି ପ୍ରଭାତ ଚୌଧୁରୀ, ବନବାସୀ ବେହେରା, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସେନାପତି, କୋଷାଧ୍ୟକ୍ଷ ଅରୁଣ ଆଚାରୀଙ୍କ ସହ ବ୍ଲକ ଛାତ୍ର କଂଗ୍ରେସ ସଭାପତି ଦିଲୀପ କୁମାର ବିଷୋୟୀ ବର୍ଷା ପାଣି ଜମି ରହିଥିବା ମନ୍ଦିର ସମ୍ମୁଖରେ ଧାନ ତଳି ରୋଇଥିଲେ। ଧାନ ଅମଳ କରିବାକୁ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ସ୍ଥାନୀୟ ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ବର୍ଷା ଜଳ ନିଷ୍କାସନ ପାଇଁ ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିବା ସୂଚନା ଦେଇଛନ୍ତି। ଉପର ମହଲା ନିର୍ମାଣ ସରିଲେ ସମ୍ପୃକ୍ତ ସ୍ଥାନରେ ଫେବର ବ୍ଲକ ବିଛାଇବାକୁ ଯୋଜନା ରହିଥିବା କହିଛନ୍ତି।

# ଖାଲଖମାରେ ପୂର୍ଣ୍ଣ କୁଆଁରିଆ ସେତୁ



କୁଆଁରିଆ ସେତୁରେ ଖାଲ ସୃଷ୍ଟି ହୋଇଛି।

**ଖଣ୍ଡପଡା,୨୪।୭(ଅଜୟ କୁମାର ମହାରଣା)**

### ନବୀକରଣ ଲାଗି ଅଞ୍ଚଳବାସୀଙ୍କ ଦାବି

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ଗମନାଗମନର ସୁବିଧା ପାଇଁ ବହୁବର୍ଷ ପୂର୍ବରୁ ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହିରୁ ଆଡ଼କଟାକୁ ସଂଯୋଗ କରୁଥିବା ରାସ୍ତାର କୋସକା ଗ୍ରାମ ନିକଟରେ ନିର୍ମାଣ କରାଯାଇଥିବା କୁଆଁରିଆ ପୋଲଟି ଏବେ ବିପଦ ଶଙ୍କୁଳ ହୋଇପଡ଼ିଛି। ଉକ୍ତ ରାସ୍ତା ଦେଇ ଦଶପଲ୍ଲା ଓ ଗଣିଆ ଉଭୟ ଅଞ୍ଚଳକୁ ଦୈନିକ ଶହ ଶହ ଭାରିଯାନ, ଯାତ୍ରୀବାହୀ ବସ ଚଳାଚଳ କରୁଥିବା ବେଳେ କୁଆଁରିଆ ପୋଲର ଦୁରାବସ୍ଥାକୁ ନେଇ ଗାଡ଼ି ଚାଳକମାନେ ପ୍ରତି ମୁହୂର୍ତ୍ତରେ ପ୍ରମାଦ ଗଣୁଛନ୍ତି। ସେତୁ ଉପରି ଭାଗର ବିଭିନ୍ନ ସ୍ଥାନ ଖାଲ ଖମା ସୃଷ୍ଟି ହୋଇ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି କରୁଛି।

ପୂର୍ତ୍ତ ବିଭାଗ ଅଧୀନରେ ଥିବା ସମ୍ପୃକ୍ତ ଲୋ ଲେବୁଲ କୁଆଁରିଆ ସେତୁଟି ବନ୍ୟା ସମୟରେ ବୁଡ଼ି ଏହାରି ଉପରେ ୫ ଫୁଟରୁ ଊର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହୋଇଥାଏ। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି କରିଥାଏ। ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହିଠାରୁ କୋସକା ଦେଇ ଗଣିଆ ବ୍ଲକ ଅନ୍ତର୍ଗତ ଆଡକଟା ଛକକୁ ସଂଯୋଗ କରୁଥିବା ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ୪ ବର୍ଷ ହେଲା ସମ୍ପନ୍ନ ହୋଇଛି। ରାସ୍ତାପାର୍ଶ୍ୱରୁ ଜବରଦଖଲକାରୀ ଓ ରାଜରାଜୁଡା ଅମଳରୁ ରୋପଣ କରାଯାଇଥିବା ପୁରୁଣା ଆମ୍ବଗଛଗୁଡ଼ିକୁ ହଟାଯାଇ ରାସ୍ତା କାର୍ଯ୍ୟ ମଧ୍ୟ ଶେଷ କରାଯାଇଛି। ତେବେ କୁଆଁରିଆ ପୋଲର ରକ୍ଷଣା ବେକ୍ଷଣ ପ୍ରତି ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ସମ୍ପ୍ରତି ବର୍ଷାଦିନରେ ସେତୁ ଉପରେ ସୃଷ୍ଟି ହୋଇଥିବା ଖାଲଖମା ଯାନବାହନ ଚାଳକମାନଙ୍କ ପାଇଁ ବିପଦ ପାଲଟିଛି। ସେତୁର ନିମ୍ନ ଭାଗ ଦୁର୍ବଳ ହୋଇ ପଡ଼ିଥିବା ବେଳେ ନଦୀ ମଧ୍ୟରେ ଥିବା ଖୁଣ୍ଟ (ପିଲର) ଗୁଡିକ ମଧ୍ୟ ଦୁର୍ବଳ ହୋଇପଡ଼ିଥିବା ଅଭିଯୋଗ ହେଉଛି। ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ଏହି ପୁରାତନ ଲୋଲେବଲ ସେତୁର ନବୀକରଣ ଦିଗରେ ଅଞ୍ଚଳବାସୀ ଦାବି କରୁଛନ୍ତି। ଉକ୍ତ ସେତୁର ଉଚ୍ଚତା ବୃଦ୍ଧି ନିମନ୍ତେ ଖଣ୍ଡପଡ଼ା ସମେତ କୁମ୍ଭାରପଡ଼ା, ବଳଭଦ୍ରପ୍ରସାଦ, କୋସକା, କିଆଝର, ସିଂଘାପଡ଼ା, ଗଡ଼ିଆସାହି, ଆଡକଟା ଆଦି ଆଖପାଖ ଅଞ୍ଚଳର ବାସିନ୍ଦା ଦୀର୍ଘବର୍ଷ ଧରି ଦାବି କରି ଆସୁଥିଲେ ହେଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନତୁବା ଜିଲା ପ୍ରଶାସନ ଏ ଦିଗରେ ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୁଆଁରିଆ ନଦୀ ଉପରେ ଉକ୍ତ ସ୍ଥାନରେ ବିଜୁ ସେତୁ ଯୋଜନାରେ ଏକ ଉଚ୍ଚତମ ପୋଲ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ମୁଖ୍ୟମନ୍ତ୍ରୀ, ସଚିବ ଓ ନୟାଗଡ଼ ଜିଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରାଣକୃଷ୍ଣ ମହାପାତ୍ରଙ୍କୁ ପଚାରିବାରେ ଏକ ନୂତନ ହାଇ ଲେବୁଲ ସେତୁ ନିର୍ମାଣ ନିମନ୍ତେ ଆବଶ୍ୟକ କାଗଜପତ୍ର ସମ୍ପନ୍ନ ହୋଇ ଟେଣ୍ଡର ପ୍ରକ୍ରିୟା କାର୍ଯ୍ୟ ଚାଲୁ ରହିଛି ବୋଲି ସେ କହିଛନ୍ତି।

# ଅପରାଧୀଙ୍କ କବ୍‌ଜାରେ ଦଶପଲ୍ଲା ଗଣିଆ ରାସ୍ତା

**ନୟାଗଡ଼,୨୪।୭ (ଲୋକନାଥ ମିଶ୍ର)**

### ଚୋରି, ଡକାୟତ, ଲୁଟ୍ ବଢୁଛି

ନୟାଗଡ଼ ଜିଲାର ଗଣିଆ ଦଶପଲ୍ଲା ୨୩କିମି ରାସ୍ତା ଅପରାଧୀଙ୍କ କବ୍‌ଜାକୁ ଚାଲି ଯାଇଛି। ୨ ଥାନାର ସୀମାନ୍ତରେ ଚୋରି, ଡକାୟତ ଲୁଟ୍ ପ୍ରତ୍ୟହ ହେଉଛି। କେତେଜଣ ଅସମାଜିକ ଯୁବକ ଚୋରା ବାଇକ୍‌ରେ ପଇନ୍ତରା ମାରି ଅପରାଧ କରିବାରେ ଲାଗି ପଡିଛନ୍ତି। ଏପରିକି କଲେଜ ଓ ହାଇସ୍କୁଲ ଛାତ୍ରୀ, ଝିଅ, ବୋହୂଙ୍କୁ କମେଟ ମାରୁଛନ୍ତି। ବର୍ଷେ ହେଲା ଅପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଥିବାବେଳେ ଦଶପଲ୍ଲା ଓ ଗଣିଆ ଥାନା ପୋଲିସ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ବର୍ଷେ ଭିତରେ ୫୦ରୁ ଲୁଟ୍ ହୋଇ ସାରିଲାଣି। ଏ ନେଇ ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ବି ସମାଲୋଚନା ଚାଲିଛି। ପୋଲିସ ଓ ଜିଲା ପ୍ରଶାସନ ଅପରାଧଙ୍କୁ ନିୟନ୍ତ୍ରଣ କରିବାରେ ଅସଫଳ ହେଲେ ଉଭୟ ଥାନା ଘେରାଉ କରାଯିବ ବୋଲି କିଛି ଲୋକ ସୂଚନା ଦେଇଛନ୍ତି ।

# ପିଲାଙ୍କୁ ବଣ୍ଟାଗଲା ପୋଷାକ



ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପିଲାଙ୍କୁ ପୋଷାକ ଦିଆଯାଉଛି।

**ନୟାଗଡ଼,୨୪।୭ (ଲୋକନାଥ ମିଶ୍ର)**

ନୟାଗଡ଼ ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସୋମବାର ମାଗଣା ପୋଷାକ ବଣ୍ଟନ କରାଯାଇଛି। ଅପରାହ୍ଣରେ ଆୟୋଜିତ ପୋଷାକ ବଣ୍ଟନ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କମିଟିର ସଦସ୍ୟ ସନ୍ତୋଷ ସାହୁ, ଦାଶରଥି ବେହେରା, ଫକୀର ପରିଡ଼ା, ସୁମିତ୍ରା ସାହୁ ଓ ଅନିତା ଦାସ ଯୋଗଦେଇ ପୋଷାକ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ଝୁମୁରୀ ସାହୁ ଦଦାରଖ କରିଥିବା ବେଳେ ବରିଷ୍ଠ ସହକାରୀ ଶିକ୍ଷକ ଶେଖ ଅବଦୁଲ ଖାଲିକ, ସଲିମ ଇବ୍ରାହିମ, ସବିତା ପଟ୍ଟନାୟକ ଓ ମଗନମ ଜାହାଁ ପ୍ରମୁଖ ସହଯୋଗ କରିଥିଲେ।

# ଆବାସ ଯୋଜନାରୁ ବଞ୍ଚିତ ମଞ୍ଜୁବାଳାଙ୍କ ପରିବାର



ଭଙ୍ଗା ଚାଳ ଛପର ଘର ଆଗରେ ମଞ୍ଜୁବାଳାଙ୍କ ଝିଅ।

**ପୋଲସରା,୨୪।୭(ସୁବ୍ରତ ବେହେରା)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶାର ପ୍ରତ୍ୟେକ କଚ୍ଚା ଘର ପାଇଁ ମହିଳାମାନଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଇଦେବାକୁ ଯୋଜନା କରିଛନ୍ତି। କିନ୍ତୁ ପୋଲସରା ବ୍ଲକ ଚଡିଆପଡ଼ା ଗ୍ରାମର ମଞ୍ଜୁବାଳା ସାହୁଙ୍କ ପରିବାର ଆବାସ ଗୃହ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ପରିବାର କହିଲେ, ୭ ପ୍ରାଣୀ କୁଟୁମ୍ବ। ମଞ୍ଜୁବାଳାଙ୍କ ସ୍ୱାମୀ ରୋହିତ ସାହୁ ଓ ମା'ଏବଂ ତିନି ଝିଅ, ଗୋଟିଏ ପୁଅ ଏହି ଭଙ୍ଗା ଚାଳଘରେ ଜୀବନ ଅତିବାହିତ କରୁଛନ୍ତି। ମଞ୍ଜୁବାଳା ସାହୁ ଓ ତାଙ୍କ ସ୍ୱାମୀ ଉଭୟ ଦାଦନ ଶ୍ରମିକ ଭାବେ ବାହାରକୁ ଯାଇ କାମ କଲେ ଚଳେ ପରିବାର। କେବଳ ସରକାରଙ୍କ ପକ୍ଷରୁ ରାଶନ କାର୍ଡ ମାଧ୍ୟମରେ ଚାଉଳ ଗଣ୍ଡେ ମିଳିବା ଛଡ଼ା ଆଉ କିଛି ନାହିଁ। ବର୍ଷା ହେଲେ ସେହି ଚାଳ ଘରେ ଚଳିବା ବହୁତ କଷ୍ଟକର ହେଉଥିବା ବେଳେ ଅନ୍ୟତ୍ର ପଡ଼ିଶା ଘରେ ଆଶ୍ରୟ ନିଅନ୍ତି। ଆବାସ ଗୃହ ପାଇଁ ବାରମ୍ବାର ବ୍ଲକ ଅଫିସକୁ ଧାଇଁ ଧାଇଁ ନୟାନ୍ତ ହେଲେଣି ପରିବାର। ଅନ୍ୟପଟେ ଏହି ପରିବାର ଆବାସ ଗୃହ ପାଇବାକୁ ଯୋଗ୍ୟ ଲିଷ୍ଟରେ ରହିଛି ବୋଲି କହିଛନ୍ତି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରାଜ ପରିଡା। ତୁରନ୍ତ ଏହି ଅସହାୟ ପରିବାରକୁ ଘର ଯୋଗାଇଦେବାକୁ ସ୍ଥାନୀୟ ବାସୀ ନିବେଦନ କରିଛନ୍ତି।

# ଜରାଜୀର୍ଣ୍ଣ ଅବସ୍ଥାରେ ୧୩୪ ବର୍ଷର ବିଦ୍ୟାଳୟ

## ବର୍ଷା ହେଲେ ଛତା ଭରସା, ବର୍ଷା ଛାଡ଼ିଲେ ବାରଣ୍ଡାରେ ପାଠପଢ଼ା

**ବାଲିଗୁଡ଼ା,୨୪।୭(ସଞ୍ଜୟ କୁମାର ପାଣିଗ୍ରାହୀ)**

ଖରା ହେଲେ ବାରଣ୍ଡାରେ ପାଠପଢ଼ା, ବର୍ଷା ହେଲେ ଛତା ଧରି ଛାତ ତଳେ ପାଠ ପଢ଼ା। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲା ବାଲିଗୁଡ଼ା ବିଜ୍ଞାପିତ ପରିଷଦ ଅଞ୍ଚଳରେ ଥିବା ବ୍ରିଟିଶ ଅମଳର ବଡ଼ଗାଁ ପ୍ରାଥମିକ ବିଦ୍ୟାଳୟରେ। ୧୮୮୯ ମସିହାରେ ପ୍ରତିଷ୍ଠା ହୋଇଥିଲା ଏହି ସରକାରୀ ପ୍ରାଥମିକ ବିଦ୍ୟାଳୟ। ଅନୁସୂଚିତ ଜନଜାତି ଓ ଜାତି ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବଡ଼ଗାଁ ବିଦ୍ୟାଳୟଟି ପ୍ରତିଷ୍ଠା ଦିନଠାରୁ ସେହି ପୁରୁଣା କୋଠାରେ ଚାଲିଛି। ଏହି ବିଦ୍ୟାଳୟରେ ପ୍ରଥମ ଠାରୁ ପଞ୍ଚମ ପର୍ଯ୍ୟନ୍ତ ରହିଛି। ପ୍ରଥମରେ ୭ ଜଣ, ଦ୍ୱିତୀୟରେ ୪ଜଣ, ତୃତୀୟରେ ୫ ଜଣ, ଚତୁର୍ଥରେ ୮ଜଣ, ପଞ୍ଚମ ରେ ୫ ଜଣ ମୋଟ ୩୦ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବର୍ଷା ହେଲେ ଛତା ଧରି ଛାତ ତଳେ, ଖରା ହେଲେ ବାରଣ୍ଡାରେ ପାଠ ପଢୁଛନ୍ତି। ରାଜ୍ୟ ସରକାରଙ୍କ ୫–ଟି ମାଧ୍ୟମରେ ସ୍ମାର୍ଟ ସ୍କୁଲ ନିର୍ମାଣ କରି ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରୁଥିବା ନେଇ ପ୍ରଚାର ପ୍ରସାର କରୁଥିବା ବେଳେ ଏହି ବଡଗାଁ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ଅସଲ ଚିତ୍ରକୁ ପଦାରେ ପକାଇଦେଇଛି। ବିଦ୍ୟାଳୟ କୋଠା ଠିକ ନଥିବାରୁ ପିଲାଙ୍କ ଉପସ୍ଥାନ ହ୍ରାସ ପାଉଛି। ନୂତନ ଶ୍ରେଣୀ କୋଠରୀ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ। ବାଲିଗୁଡ଼ା ଶିକ୍ଷା ଜିଲାର ସର୍ବପୁରାତନ ବିଦ୍ୟାଳୟ କହିଲେ ଏହି ବିଦ୍ୟାଳୟକୁ ବୁଝାଯିବ। ଏହି ବିଦ୍ୟାଳୟ ରେ ୩୦ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି ଓ ଦୁଇ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ରହିଛନ୍ତି। କିନ୍ତୁ ଶ୍ରେଣୀ କୋଠରୀର ଆବଶ୍ୟକ ରହିଛି। ଯେଉଁ କୋଠରୀ ରହିଛି ତାହା ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ତେଣୁ ଆବଶ୍ୟକ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ନୂତନ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ଲିଖିତ ଭାବେ ଅନୁରୋଧ କରାଯାଇଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆର୍ତ୍ତ ଚନ୍ଦ୍ର ଖଟୁଆ ପ୍ରକାଶ କରିଛନ୍ତି।



ବିଦ୍ୟାଳୟରେ ଛତା ଧରିଥିବା ଛାତ୍ରଛାତ୍ରୀ ।

# ଶିଳ୍ପର ନିଆଁ, ଧୂଆଁ: ଲୁଣା ହେନ୍ତାଳ ଜଙ୍ଗଲ ପ୍ରତି ବିପଦ

■ ଉପକୂଳ ସୁରକ୍ଷା ପ୍ରତି ଘନାଉଛି ଘୋର ବିପଦ
■ ଶହେ ହେକ୍ଟର ସରକାରୀ ଜମିରେ ୩ ଲକ୍ଷ ଲୁଣା ହେନ୍ତାଳ ଚାରା ରୋପଣ
■ ବାଡ଼ିବଗିଚାରେ ଚାରା ରୋପଣ ପାଇଁ ବନ ବିଭାଗର ସଚେତନତା

ମହାକାଳପଡ଼ା, ୨୪।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)


ବ୍ଲକ ଅଧୀନ ବଡିଘରର ନିପଣିଆ, ବଡ଼ ଚୁବି ଗ୍ରାମ ପାର୍ଶ୍ୱ ଶହେ ହେକ୍ଟରରୁ ଅଧିକ ସରକାରୀ ଜମିରେ ଲୁଣା ଜାତୀୟ ଚାରା ରୋପଣ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ପରିବେଶ ସୁରକ୍ଷା ପ୍ରତି ବିପଦ ସୃଷ୍ଟିହେବାରେ ଲାଗିଛି। ଏହି ଅଞ୍ଚଳ ଅପରପାର୍ଶ୍ୱରେ ପାରାଦୀପ ଶିଳ୍ପ କାରଖାନାରୁ ନିର୍ଗତ ନିଆଁ, ଧୂଆଁ, ଧୂଳିଯୁକ୍ତ ପରିବେଶ ମହାକାଳପଡ଼ା ବ୍ଲକ ଅଞ୍ଚଳର ବଡିଘର, ଖରିନାସୀ, ରାମନଗର, ଜମ୍ବୁ, ବଉଳକଣି, ପେଟଛେଲା, ସୁନିତି, ବରକନ୍ଧା ଆଦି ପଞ୍ଚାୟତ ସମେତ ଅନ୍ୟ ଅଞ୍ଚଳର ବାଡ଼ିବଗିଚା, ସ୍ଥାନୀୟ ସଂରକ୍ଷିତ ଲୁଣା ହେନ୍ତାଳ ଜଙ୍ଗଲ ଗଛପତ୍ରଗୁଡ଼ିକରେ ତେଲିଆଯୁକ୍ତ ବହଳିଆ ଆସ୍ତରଣ କଳାରଙ୍ଗର ଦେଖିବାକୁ ମିଳୁଛି। ଫଳରେ ଅଞ୍ଚଳର ବାଡ଼ିବଗିଚାର ଗଛ ଲତାରେ ଫଳ ଫଳିବା ଯଥେଷ୍ଟ ହ୍ରାସ ପାଇଛି ବୋଲି ବିଶୁ ଜାନା, ବିଶ୍ୱେରର ମାଇତିଙ୍କ ସମେତ ଅନେକ ଚାଷୀ କହିଛନ୍ତି। ପୂର୍ବ ଅପେକ୍ଷା ବାଡ଼ିରେ ଆଉ ପନିପରିବା, କାଜୁବାଦାମ ମଞ୍ଜି, ନଡ଼ିଆ, ଆମ୍ବ ଭଳି ଅନ୍ୟ ଫଳ ଫୁଲ ଉତ୍ପାଦନ ହ୍ରାସ ପାଇଛି। ଅପରପକ୍ଷରେ ଏହି ଅଞ୍ଚଳରେ ସଂରକ୍ଷିତ ଜଙ୍ଗଲରେ ହେନ୍ତାଳ ଓ ଲୁଣା ଜାତୀୟ ଚାରା ରୋପଣ କରାଯାଇଛି। ହେଲେ ଅପରପାର୍ଶ୍ୱର ଶିଳ୍ପ କାରଖାନାର ନିଆଁ, ଧୂଆଁ, ଧୂଳି ଯୋଗୁ ଚାରା ଗଛଗୁଡ଼ିକରେ କଳାରଙ୍ଗର ଆସ୍ତରଣ ପଡ଼ି ନଷ୍ଟହେବା ଆଶଙ୍କା ପ୍ରକାଶ ପାଇଛି ବୋଲି ପରିବେଶପ୍ରେମୀ ସୁବାସ ଚନ୍ଦ୍ର ସ୍ୱାଇଁ ଅଭିଯୋଗ କରିଛନ୍ତି। ତେବେ ମହାନଦୀ ଅବବାହିକା ତ୍ରିକୋଣ ଭୂମି ଅଞ୍ଚଳରେ ସଂରକ୍ଷିତ ଜଙ୍ଗଲଗୁଡ଼ିକ ମଧ୍ୟରେ ହେଟା ମୁଣ୍ଡିଆ, କଂସାର ଡିଆ, ଭିତର ଖରିନାସୀ ସଂରକ୍ଷିତ ଜଙ୍ଗଲ, ବଡିଘରର ଯୋଗୀ ଧାନକୁଦ, ସରଳି କୁଦ, ହସିଣା କନ୍ଧା, ସାନ ଚୁବିରେ ପୂର୍ବରୁ ଚାରା ରୋପଣ କରାଯାଇଥିଲା। ତେବେ ବର୍ଷେ ପୂର୍ବେ ବଡ଼ଚୁବି ଓ ନିପାଣିଆ ଗ୍ରାମ ସଂଲଗ୍ନ ଆଦି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲଗୁଡ଼ିକରେ ଜବରଦଖଲକାରୀମାନଙ୍କଠାରୁ ବନ ବିଭାଗ ସରକାରୀ ଜମିକୁ ଉଦ୍ଧାରକରି ବିଭିନ୍ନ ପ୍ରଜାତିର ଶହେ ହେକ୍ଟର ଜମିରେ ୩ ଲକ୍ଷରୁ ଅଧିକ ଲୁଣା ହେନ୍ତାଳ ଚାରା ରୋପଣ କରାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଧୂଆଁ, ଧୂଳି ଆସ୍ତରଣ ପାଇଁ ଏହି ଲୁଣା ଜାତୀୟ ଗଛ ବୃଦ୍ଧି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି ବୋଲି ଅଞ୍ଚଳର ବୁଦ୍ଧିଜୀବୀ କହିଛନ୍ତି।

ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ କହିଛନ୍ତି, ଶିଳ୍ପ କାରଖାନାରୁ ନିର୍ଗତ ବିଷାକ୍ତ ନିଆଁ ଧୂଆଁ, ଧୂଳି ଏହି ଅଞ୍ଚଳର ଜନଜୀବନ ପ୍ରଭାବିତ ହେଉଛି। ଅଧିକାଂଶ ଲୋକମାନଙ୍କ ଶରୀରରେ ଚର୍ମ ରୋଗ ଓ ଆଖି ସମସ୍ୟା ରହୁଛି। ଏ ସଂକ୍ରାନ୍ତରେ ବନ ବିଭାଗର ଜମ୍ବୁ ବନାଞ୍ଚଳ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡାଇଙ୍କୁ ପଚାରିବାରେ ଶିଳ୍ପ କାରଖାନାର ନିଆଁ, ଧୂଆଁ, ଧୂଳିନିର୍ଗତ ହୋଇ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି। ଏହା ବାଦ୍ ଗଛଲତା ପ୍ରଭାବିତ ହେଉଛ। ସୁରକ୍ଷା ପାଇଁ ସ୍ଥାନୀୟ ଲୋକମାନଙ୍କୁ ନିଜ ବାଡ଼ି ବଗିଚାରେ ଚାରା ରୋପଣ କରିବାକୁ ସଚେତନ କାର୍ଯ୍ୟକ୍ରମ ଖୁବ୍ ଶୀଘ୍ର କରାଯିବ ବୋଲି ସେ କହିଛନ୍ତି।

# ଭାଜପା ନେତାଙ୍କ ଡ୍ରାଇଭରଙ୍କୁ ଆକ୍ରମଣ

## ଗାଡ଼ି ଭଙ୍ଗାରୁଜା, ଥାନାରେ ଅଭିଯୋଗ

ଯାଜପୁର ଟାଉନ,୨୪।୭ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :



ଗାଡ଼ିର ଆଗ କାଚ ଭାଙ୍ଗି ଯାଇଛି। (ଉପର)
ଥାନାକୁ ଭାଜପା କର୍ମୀଙ୍କ ସହ ଏତଲା ଦେବାକୁ ଆସିଥିବା ସଂଗ୍ରାମ ପାତ୍ର।

ଯାଜପୁର ଥାନା ଅନ୍ତର୍ଗତ ସିଦ୍ଧେଶ୍ୱର ମନ୍ଦିର ନିକଟରେ ଭାଜପା ନେତା ଜନସମ୍ପର୍କ ଯାତ୍ରା କରୁଥିବା ସମୟରେ ତାଙ୍କ ଡ୍ରାଇଭରଙ୍କୁ କେତେଜଣ ଯୁବକ ଆକ୍ରମଣ କରି ଗାଡ଼ିର କାଚକୁ ଭାଙ୍ଗି ଦେଇଥିବା ଯାଜପୁରରେ ଥାନାରେ ଲିଖିତ ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ଭାଜପା ଯୁବନେତା ତଥା ରାଜ୍ୟ ସମ୍ପାଦକ ସଂଗ୍ରାମ କେଶରୀ ପାତ୍ର ସୋମବାର ସ୍ଥାନୀୟ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରୁ କର୍ମୀଙ୍କ ସହ ଜନସମ୍ପର୍କ ଯାତ୍ରା ଆରମ୍ଭ କରିଥିଲେ। ଏହି ଜନସମ୍ପର୍କ ଯାତ୍ରା ଚାଲୁଥିବା ସମୟରେ ତାଙ୍କ ଡ୍ରାଇଭର ମଙ୍ଗୁନୁ ପ୍ରଧାନ ଫୋନ କରି ପାତ୍ରଙ୍କୁ ଏ କଥା ଜଣାଇଥିଲେ । ୩ଜଣ ଯୁବକ ମୁହଁରେ ରୁମାଲ ବାନ୍ଧି ଗାଡି ପାଖକୁ ଆସିଥିଲେ । ଏହାପରେ ସେମାନେ ଅଶଭ୍ୟ ଭାଷାରେ ଗାଳିଗୁଲଜ କରି ସଂଗ୍ରାମ ପାତ୍ରଙ୍କୁ ତଳକୁ ଓହ୍ଲା , ତା ମୁଣ୍ଡରେ ଗୁଳି ଫୁଟେଇଦେବୁ ବୋଲି କହି ଧମକ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଏକ କଳାରଙ୍ଗର ବନ୍ଧୁକ ଧରି ଡ୍ରାଇଭର ପ୍ରଧାନଙ୍କ ମୁଣ୍ଡରେ ଲଗାଇ ତାଙ୍କୁ ତଳକୁ ଟାଣିଆଣି ମାଡ଼ମାରିବା ସହ ଗାଡିରେ ଥିବା ୫୦ ହଜାର ଟଙ୍କା ଲୁଟି ନେଇଥିଲେ । ଏହାପରେ ସେମାନେ ଗାଡ଼ିର ଆଗ କାଚକୁ ଏକ ଲୁହା ହାତୁଡିରେ ପିଟି ଭାଙ୍ଗି ପଳାଇଥିଲେ ବୋଲି ଭାଜପା ନେତା ପାତ୍ର ତାଙ୍କ ସମର୍ଥକମାନଙ୍କ ସହ ଯାଇ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ନିଖୋଜ ୨ ନାବାଳିକା ପୁରୀରୁ ଉଦ୍ଧାର

ଧର୍ମଶାଳା,୨୪।୭(ବଟକୃଷ୍ଣ ପରିଡ଼ା): ପାଠପଢ଼ା ପାଇଁ ପରିବାର ପକ୍ଷରୁ ତାଗିଦା ହେବା ଯୋଗୁ ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଞ୍ଚଳରୁ ରବିବାର ଘରୁ ପଳାଇଥିବା ୨ ନାବାଳିକାଙ୍କୁ ପୋଲିସ ପୁରୀରୁ ଉଦ୍ଧାର କରିଛି। ସୂଚନା ମୁତାବକ ପାଠପଢ଼ା ପାଇଁ ପରିବାର ପକ୍ଷରୁ ତାଗିଦ କରାଯିବାରୁ ରବିବାର ସକାଳୁ ଜେନାପୁର ଅଞ୍ଚଳର ୨ ଜଣ ନାବାଳିକା କେଉଁଆଡେ ପଳାଇଥିଲେ। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଏ ସମ୍ପର୍କରେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ଆଜି କୌଣସି ସୂତ୍ରରୁ ଖବର ପାଇ ଉଭୟ ନାବାଳିକାଙ୍କୁ ପୁରୀରୁ ଉଦ୍ଧାର କରିଛି । ତେବେ ଉଭୟ ନାବାଳିକାଙ୍କୁ ଜେନାପୁର ଥାନାରେ ରଖାଯାଇ ଜିଲା ଶିଶୁ ଅଧିକାରୀଙ୍କ ସହ ପୋଲିସ ପକ୍ଷରୁ ଯୋଗାଯୋଗ କରାଯାଇଥିଲା। ସେମାନଙ୍କୁ ସୁଧାର ଗୃହକୁ ପଠାଯିବ ବୋଲି ଜେନାପୁର ଥାନା ଏସ୍ଆଇ ସଞ୍ଜୟ କୁମାର ଭୋଳ ସୂଚନା ଦେଇଛନ୍ତି ।

# ଭ୍ରାମ୍ୟମାନ କୋର୍ଟରେ ୩୦ ମାମଲାର ସମାଧାନ

ରଘୁନାଥପୁର,୨୪।୭ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଚିକିଣିଆ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଭାମ୍ୟମାନ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବରୁ ପଡ଼ି ରହିଥିବା ୩୦ ମାମଲାର ସମାଧାନ କରାଯାଇଛି। ରଘୁନାଥପୁର ଗ୍ରାମ ନ୍ୟାୟାଳୟ ବିଚାରପତି ତନବୀ ରଥ ଉପସ୍ଥିତ ରହି ମାମଲାଗୁଡ଼ିକର ବିଚାର କରିଥିଲେ। ପୂର୍ବାହ୍ନ ୧୦ଟା ୩୦ରେ ବିଚାରପତି ରଥ ଉକ୍ତ ସ୍ଥାନରେ ପହଞ୍ଚିବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ସ୍ଥାନୀୟ ଗୁଆଳିପୁର ମହେଶର ଉଚ୍ଚ ବିଦ୍ୟାଳୟର ଏନ୍‌ସିସି କ୍ୟାଡ୍େଟମାନେ ଗାର୍ଡ ଅଫ ଅନର ଦେଇ ରଥଙ୍କୁ ପାଛୋଟି ନେଇଥିଲେ। ଉକ୍ତ ପଞ୍ଚାୟତର ସରପଞ୍ଚ ବିଷ୍ଣୁ ଚରଣ ସେଠି ଓ ସମିତି ସଭ୍ୟ ବିଚିତ୍ର ସ୍ୱାଇଁ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ କୋର୍ଟ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଭାଗୀୟ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ। ଏନସିସି କ୍ୟାଡେଟଙ୍କ କାର୍ଯ୍ୟଦକ୍ଷତା ଓ ସମାୟାନୁବର୍ତ୍ତିତା ପ୍ରତି ଖୁସି ପ୍ରକଟ କରି ରଥ ସେମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଅପରାହ୍ନ ୩ଟାରେ କୋର୍ଟ କାର୍ଯ୍ୟ ଶେଷ ହୋଇଥିଲା। ଏଥିରେ ଆଇନଜୀବୀ ଗଗନ ଦାଶ, ଅନୀଲ ଖଟୁଆ, ରାମ ଆଚାର୍ଯ୍ୟ, ଶୁଭେନ୍ଦୁ ଦାସ ଓ ନରେଶ ଦାସ ସହଯୋଗ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦେବାଶିଷ


@ ଦୁଲେଶ୍ୱର


@ ରଶ୍ମିରଞ୍ଜନ


@ ରିତେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶଯ୍ୟାଶାୟୀ ପୁଅ, ଚିକିତ୍ସାରେ ଅର୍ଥ ବାଧକ

■ ନଳିନୀକାନ୍ତଙ୍କ ୨ କିଡ୍‌ନୀ ନଷ୍ଟ
■ ବାପା ଟ୍ରଲି ଟାଣିଲେ ଚଳୁଛି ପରିବାର

ଆଳି,୨୪।୭(ବନମାଳୀ ସେନାପତି)


ନଳିନୀ ଯେନାଙ୍କ ସହ ପରିବାର ଲୋକେ।

ଯେଉଁ ବୟସରେ ଭେଣ୍ଡିଆ ପୁଅ ମା'ବାପାଙ୍କୁ ପୋଷିବା କଥା, ସେ ବୟସରେ ପୁଅଙ୍କୁ ମା'ବାପା ପୋଷୁଛନ୍ତି। ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅରେହିକଣା ପଞ୍ଚାୟତର ଗଭାଡ଼ିଆ ଗ୍ରାମରେ। ଗାଁର ନିରଞ୍ଜନ ଯେନାଙ୍କ ୨୭ ବର୍ଷର ପୁଅ ନଳିନୀକାନ୍ତଙ୍କ ୨ଟି କିଡିନ ନଷ୍ଟ ହୋଇଯାଇଥିବା ବେଳେ ତାଙ୍କ ଚିକିତ୍ସାରେ ଏବେ ଅର୍ଥ ବାଧକ ସାଜିଛି। ପରିବାର ଲୋକଙ୍କ ପାଇଁ ୨ ଓଳି ଦୁଇ ମୁଠା ଦାନା ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିଛି। ନଳିନୀଙ୍କ ଔଷଧ ଟିକେ ପାଇଁ ପରିବାର ଲୋକଙ୍କୁ ବାର ଦୁଆର ହେବାକୁ ପଡୁଛି। ନଳିନୀଙ୍କ ପରିବାର କହିଲେ, ବାପା ନିରଞ୍ଜନ, ମାଆ ଦେବକୀ, ସ୍ତ୍ରୀ ରୁକ୍ମିଣୀଙ୍କ ସମେତ ୨ ପୁଅ ସୂର୍ଯ୍ୟକାନ୍ତ ଓ ଚନ୍ଦ୍ରକାନ୍ତ।

ସୂଚନାଯୋଗ୍ୟ, ନଳିନୀ କେରଳର ଗ୍ୟାସ ଲାଇନରେ କାମ କରୁଥିବା ବେଳେ ବାପା ନିରଞ୍ଜନ ଗାଁରେ ଟ୍ରଲି ଟାଣି ଯାହା ରୋଜଗାର କରୁଥିଲେ ସେଥିରେ ତାଙ୍କ ପରିବାର ହସଖୁସିରେ ଚାଲିଥିଲା। କିନ୍ତୁ ଏବେ ଏହି ପରିବାର ଉପରକୁ ଘୋଟି ଆସିଛି ଦୁଃଖର କଳାବାଦଲ। କରୋନା ମହାମାରୀ ସମୟରେ ନଳିନୀ ଘରକୁ ଫେରି ଆସିଥିଲେ। ଫେରିବାର କିଛିଦିନ ପରେ ହଠାତ ଦିନେ ନଳିନୀଙ୍କ ଦେହହାତ ଫୁଲିଯିବା ସହ ଝାଡ଼ା ପରିସ୍ରା ବନ୍ଦ ହୋଇ ଯାଇଥିଲା। ପରିବାର ଲୋକ ତାଙ୍କୁ ଆଳି ଓ ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିବା ବେଳେ ଡାକ୍ତର ରୋଗ ସମ୍ପର୍କରେ ଜାଣି ନ ପାରି ତାଙ୍କୁ କଟକ ବଡ଼ ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତରମାନେ ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ନଳିନୀଙ୍କ ୨ଟି କିଡ଼ନୀ ନଷ୍ଟ ହୋଇଯାଇଥିବା କହିଥିଲେ। କଟକ ବଡ଼ ମେଡିକାଲରେ ନଳିନୀଙ୍କୁ ଆଡମିଟ କରାଯାଇ ଚିକିତ୍ସା କରାଯାଉଥିଲା। ଅର୍ଥାଭାବରୁ ମେଡିକାଲରେ ବେଶୀଦିନ ନ ରଖିପାରି ପରିବାର ଲୋକ ପ୍ରାୟ ମାସେ ହେବା ନଳିନୀଙ୍କୁ ଘରକୁ ନେଇ ଆସିଥିଲେ। ନଳିନୀ ଘରକୁ ଆସିବା ପରେ ପରିବାର ଲୋକଙ୍କ ଚିନ୍ତା ଆହୁରି ବଢ଼ି ଯାଇଛି। ଗୋଟିଏ ପଟେ ରୋଜଗାରିଆ ପୁଅ ନଳିନୀ ଅସୁସ୍ଥ ହୋଇ ଶଯ୍ୟାଶାୟୀ ପାଲଟି ଯାଇଛି ଓ ତାଙ୍କ ଚିକିତ୍ସା ନିମନ୍ତେ ଅର୍ଥ ସଙ୍କଟ ଦେଖାଦେଇଛି। ନଳିନୀଙ୍କ ଚିକିତ୍ସା ପାଇଁ ଘରେ ଥିବା ସୁନା ଗହଣା ଜମିବାଡ଼ି ସବୁକିଛି ପରିବାର ଲୋକ ବିକ୍ରି କରି ଚିକିତ୍ସାରେ ଲଗେଇ ଦେଇଥିବା ବେଳେ ଏବେ ଆଉ ସମ୍ବଳ ନାହିଁ। ନଳିନୀଙ୍କ ବାପା ନିରଞ୍ଜନ ଟ୍ରଲି ଟାଣି ଯାହା ରୋଜଗାର କରୁଛନ୍ତି ସେଥିରେ ପରିବାରର ୭ ପ୍ରାଣୀଙ୍କ ମୁହଁରେ ଦୁଇ ଓଳି ଦୁଇ ମୁଠା ଦାନା ଦେବା ଅସମ୍ଭବ ହୋଇପଡିଛି। ଏ ପରିସ୍ଥିତିରେ ନଳିନୀଙ୍କ ଚିକିତ୍ସା ନିମନ୍ତେ ଅର୍ଥ ପାଇଁ ପରିବାର ଲୋକମାନେ ନିଜେ ଖାଇବା ଭୁଲି ଯାଇଛନ୍ତି। ଟ୍ରଲି ଟାଣି ପରିବାର ମୁହଁରେ ଦାନା ଯୋଗାଉଥିବା ନିରଞ୍ଜନଙ୍କ ପାଇଁ ପୁଅର ଚିକିତ୍ସା ନିମନ୍ତେ ପ୍ରତିମାସ ପ୍ରାୟ ୧୦ ହଜାର ଟଙ୍କା ସେ କେଉଁଠୁ ଆଣିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଏ ସମ୍ପର୍କରେ ଆଳି ବିଡିଓ ମିନତି ଜଗଦେବଙ୍କୁ ପଚାରିବାରେ ବ୍ଲକରେ ନୂଆ କରି ଭାବେ ଯୋଗ ଦେଇଛି। ବ୍ଲକ କର୍ମଚାରୀଙ୍କୁ ପଠାଇ ଘଟଣାର ତଦନ୍ତ କରିବା ସହ ସରକାରୀ ସ୍ତରରେ ଯାହା କିଛି ସୁବିଧା ସୁଯୋଗ ଥିବ ପରିବାରକୁ ଯୋଗାଇ ଦେବାକୁ ସେ ବ୍ୟବସ୍ଥା କରିବେ ବୋଲି ସେ କହିଛନ୍ତି। ସରକାରୀ ବା ବେସରକାରୀ ସ୍ତରରେ ସହାୟତା ଯୋଗାଇ ଦେବାକୁ ନଳିନୀଙ୍କ ବାପା ନିରଞ୍ଜନ ଆକୁଳ ନିବେଦନ କରିଛନ୍ତି।

# ମାଛ ବ୍ୟବସାୟୀଙ୍କ କବଳରେ ସଂରକ୍ଷିତ ଜଙ୍ଗଲ

■ କାଂସପାଳଠାରେ ଚାଲିଛି ମାଛ ରପ୍ତାନି
■ ଆଭ୍ୟନ୍ତର ଅଞ୍ଚଳରେ ପିରାନା, ଚିଙ୍ଗୁଡ଼ିଚାଷ

କେନ୍ଦ୍ରାପଡ଼ା, ୨୪।୭ (ଜଗନ୍ନାଥ ଧଳ)

ଜୈବ ବିବିଧତା ଭରା ଜାତୀୟ ଉଦ୍ୟାନ ଭିତରକନିକା ଏବେ ନିଜର ମାନ ହରାଉଛି। ତଟକ୍ଷୟ, ଜଙ୍ଗଲ ଜମି ସମସ୍ୟା ଥିବା ବେଳେ ସାମୁଦ୍ରିକ ଓ ଆଭ୍ୟନ୍ତର ଅଞ୍ଚଳ ଉପରେ ମାଛ ବ୍ୟବସାୟୀଙ୍କ ଲୋଲୁପଦୃଷ୍ଟି ପଡ଼ିଛି। ମହାକାଳପଡ଼ା ବ୍ଲକ ବଉଳକଣୀ ପଞ୍ଚାୟତ କାଂସପାଳ ନିକଟ ଗୋବରୀ ନଦୀ ଏବେ ମାଛ ରପ୍ତାନିର ମୁଖ୍ୟସ୍ଥଳ ହୋଇଛି। ସେହିପରି ଆଭ୍ୟନ୍ତର ଅଞ୍ଚଳରେ ବେଆଇନ ଭାବେ ଚିଙ୍ଗୁଡ଼ି ଓ ପିରାନା ପ୍ରଜାତିର ଚାଷକୁ ରୋକାଯାଇପାରୁନାହିଁ। ସଂରକ୍ଷିତ ଜଙ୍ଗଲ ମଧ୍ୟରେ ମାଛ ବ୍ୟବସାୟୀଙ୍କ ନଜର ପଡ଼ିବାରୁ ସାମୁଦ୍ରିକ ଓ ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି, କାଂସପାଳ ଫେରିଘାଟରୁ ପ୍ରତ୍ୟହ ଲକ୍ଷାଧିକ ଟଙ୍କାର ମାଛ କୋଲକତା ଚାଲାଣ ହେଉଛି। କୋଲକତା, ବାଲେଶ୍ୱର ଓ ଅନ୍ୟ ସ୍ଥାନର ଟ୍ରଲର ଏହି ମାଛ ରପ୍ତାନିରେ ବ୍ୟବହାର ହେଉଛି। ଏହି ଟ୍ରଲର ପାଇଁ ଗୋବରୀ ନଦୀ କୂଳ ଅତଡ଼ା ଖସୁଥିବା ବେଳେ ଲୁଣା ଜଙ୍ଗଲକୁ ଧ୍ୱଂସ କରୁଛି। ଜମ୍ବୁ ବନାଞ୍ଚଳରୁ ମାତ୍ର ୫ କି.ମି. ଏହି ସ୍ଥାନ ହୋଇଥିବା ବେଳେ ମେରାଇନ ଥାନାଠାରୁ ଦୂରତା ମାତ୍ର ୫.୫ କି.ମି. । ତଣ୍ଡିଆପାଳର ରମେଶ ସେଠୀ କହିଛନ୍ତି, ଜମ୍ବୁ ଲକ୍‌ଠାରେ ଏକ ଜେଟି ଅଛି। ଏଠାରେ ମଧ ଏହି ବ୍ୟବସାୟ ଚାଲିଛି। ତେବେ ବଡ଼ କଥା ହେଉଛି, ନିଷିଦ୍ଧାଞ୍ଚଳରେ ବଡ଼ ଟ୍ରଲର ଚାଲୁଥିଲେ ମଧ ଏହାର ଗତିକୁ ଅତିକ୍ରମ ପାଇଁ ବନ ବିଭାଗ, ସାମୁଦ୍ରିକ ଥାନାର ଆବଶ୍ୟକ ସ୍ପିଡ୍ ବୋଟ୍ ନାହିଁ। ରାଜନଗରର ପ୍ରତ୍ୟୁଷ କୁମାର ନାୟକ କହିଛନ୍ତି, ଭିତରକନିକାର ପରିବେଶକୁ ବନ ବିଭାଗର କର୍ମଚାରୀ ବେଶି ପରିମାଣରେ କ୍ଷତି କରୁଛନ୍ତି। ତଟାଞ୍ଚଳରେ ଚିଙ୍ଗୁଡ଼ି ଘେରି ସହିତ ପିରାନା ପ୍ରଜାତିର ମାଛ ଚାଷକୁ ପ୍ରୋତ୍ସାହିତ କରୁଛନ୍ତି। ଏପରି କି ଏ ପ୍ରକାର ମାଛ ଚାଷୀ ଓ ବ୍ୟବସାୟୀଙ୍କ ଭାଗୀଦାରି ହୋଇଛନ୍ତି। ନିଷିଦ୍ଧାଞ୍ଚଳରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଅଶୋକ କୁମାର ସାମଲ କହିଛନ୍ତି, ଭିତରକନିକାର ପରିବେଶ ସୁରକ୍ଷା ଏବେ ଅଣାୟତ୍ତ ହୋଇଛି। ଚିଙ୍ଗୁଡ଼ି ଘେରି ବଢ଼ିଚାଲିଥିବା ବେଳେ ଗତ ୫ବର୍ଷ ଧରି ରୂପଚାନ୍ଦି ମାଛ ଚାଷ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ହେଉଛି। ଜାତୀୟ ଉଦ୍ୟାନର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ନାଳ ଓ ପୋଖରୀରେ ମାଛଚାଷ ହେଉଥିବା ଯୋଗୁ ପରିବେଶ ସନ୍ତୁଳନ ହୋଇପାରୁନାହିଁ। ଜାତୀୟ ଉଦ୍ୟାନର ସୁଦୀର୍ଘ ଘଞ୍ଚ ଜଙ୍ଗଲ, ପଶୁପକ୍ଷୀ, ସାମୁଦ୍ରିକ ତଟାଞ୍ଚଳର ପରିବେଶ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ଏଥିସହ ଅଲିଭ ରିଡ୍‌ଲେଙ୍କ ଅନ୍ତୁଡ଼ିଶାଳ, ବଉଳା କୁମ୍ଭୀର, ଡଲ୍‌ଫିନ୍ ଆଦି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ଏପରିସ୍ଥଳେ ଚିଙ୍ଗୁଡ଼ି ଘେରି ଓ ପିରାନା ପ୍ରଜାତିର ମାଛଚାଷ ଫଳରେ ମାଛ ବ୍ୟବସାୟୀଙ୍କ କବଳକୁ ଜଙ୍ଗଲ ଚାଲିଯାଉଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ମହେଶ କୁମାର ପାଢ଼ୀ କହିଛନ୍ତି, ଭିତରକନିକାର ସୁରକ୍ଷା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବିଭିନ୍ନ ସମୟରେ ଜନସ୍ୱାର୍ଥ ମାମଲା ରୁଜୁ ହେଉଛି। ଏଥିପାଇଁ ଜାତୀୟ ଉଦ୍ୟାନ ଓ ଆଖପାଖ ଅଞ୍ଚଳରେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାଛଚାଷ ଫଳରେ ଏହାର ବିଷାକ୍ତ ବର୍ଜ୍ୟବସ୍ତୁ ଜଙ୍ଗଲକୁ ଧ୍ୱଂସ କରୁଛି। ପରିବେଶବିତ ସୁନୀଲ କୁମାର ଗନ୍ତାୟତ କହିଛନ୍ତି, ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ଜଙ୍ଗଲ ଜମି ସ୍ଥାନୀୟ ରାଜନେତାଙ୍କ ଭୋଟ ବ୍ୟାଙ୍କ ସାଜିଛି। ଅନୁପ୍ରବେଶକାରୀ ଏହି ଜମିକୁ ଜବରଦଖଲ କରି ରଖିବା ସହ ମାଛ ଚାଷ, ପଶୁ, ପକ୍ଷୀଙ୍କ ଶିକାର ସହ ଗଛ ନଷ୍ଟ କରୁଛନ୍ତି। ଅନୁପ୍ରବେଶକାରୀଙ୍କୁ ରୋକା ନ ଗଲେ ଭିତରକନିକା ଶ୍ରୀହୀନ ହୋଇଯିବ।


ଭିତରକନିକାର ଜଗତଯୋଡ଼ିରୁ ମତ୍ସ୍ୟଜୀବୀ ରୂପଚାନ୍ଦି ମାଛ ଡଙ୍ଗାରେ ଯାଇ ଧରୁଛନ୍ତି।

ଏ ସମ୍ପର୍କରେ ରେଞ୍ଜର ମାନସ କୁମାର ଦାସଙ୍କୁ ପଚାରିବାରେ ଭିତରକନିକାକୁ ଅବାଧ ପ୍ରବେଶ ନିଷେଧ ହୋଇଛି। ଏଠାରେ ଥିବା ଚିଙ୍ଗୁଡ଼ି ଘେରିକୁ ଜିଲା ପ୍ରଶାସନ ସହାୟତାରେ ଭଙ୍ଗାଯାଉଛି । ନିଷିଦ୍ଧାଞ୍ଚଳରେ ମାଛଚାଷ ପାଇଁ ଅନୁମତି ନ ଥିବା ସେ କହିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୫ ଜୁଲାଇ, ୨୦୨୩



# ଶିକ୍ଷାନୁଷ୍ଠାନରେ ବଳାତ୍କାର, ଅସଦାଚରଣ ବଢ଼ୁଛି

ନୟାଗଡ଼,୨୪।୭ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ସ୍କୁଲ, କଲେଜରେ ବଳାତ୍କାର ଓ ଅସଦାଚରଣ ବଢ଼ିବା ପରେ ଛାତ୍ରୀମାନେ ନିଜକୁ ନିରାପଦ ମଣୁନାହାନ୍ତି। ୪ ମାସରେ ୨ ଶିକ୍ଷକ, ଜଣେ ଅଧ୍ୟାପକ ଗିରଫ ହୋଇ ଜେଲ ଯିବା ପରେ ସାଧାରଣରେ ଭୟ ବଢ଼ିଛି। କେତେଜଣ ଶିକ୍ଷକ ଓ ଅଧ୍ୟାପକ ଛାତ୍ରୀଙ୍କୁ ବଳାତ୍କାର ଓ ଅସଦାଚରଣ କରିବା ପରେ ଗୁରୁଙ୍କୁ ସମାଲୋଚନା ଆରମ୍ଭ ହୋଇଛି।

ନିଜେ ଜଳି ଅନ୍ୟକୁ ଆଲୋକ ପ୍ରଦାନ କରୁଥିବା ବ୍ୟକ୍ତି ହିଁ ଗୁରୁ ପଦବାଚ୍ୟ। ଗୁରୁଙ୍କ ସ୍ଥାନ ସବୁବେଳେ ସର୍ବାଗ୍ରେ ରହି ଆସିଛି। ତେବେ ବଦଳି ଯାଇଛି ପୁରାତନ ଶିକ୍ଷା ବ୍ୟବସ୍ଥା। ଶିକ୍ଷାଅନୁଷ୍ଠାନରେ ଶୃଙ୍ଖଳା ଓ ଗୁଣାତ୍ମକ ଶିକ୍ଷା ନାହିଁ। ଗୁରୁ ଓ ଶିଷ୍ୟ ମଧ୍ୟରେ ପ୍ରତିଦିନ କିଛି ନା କିଛି ଅଘଟଣ ଘଟୁଛି। ଯେପରି ଗଣିଆ ଥାନା ଅଞ୍ଚଳର ପ୍ରଧାନ ଶିକ୍ଷକ ଦେବୀ ପ୍ରସାଦ ଦାସ (୩୯) ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରି ଏପ୍ରିଲ ମାସରେ ଜେଲ ଯାଇଥିଲେ। ଗଣିଆରେ ଏକ ବେସରକାରୀ ବିଦ୍ୟାଳୟରେ ଦେବୀ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିବା ସହ ଏକ ଖବରକାଗଜର ଖବରଦାତା ଓ ଆଞ୍ଚଳିକ ୱେବ ଚ୍ୟାନେଲର ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ଗଣିଆ ଅଞ୍ଚଳର ଏକ ବେସରକାରୀ ବିଦ୍ୟାଳୟର ୧୨ବର୍ଷର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ସେ ବିଭିନ୍ନ ସମୟରେ ଅସଦାଚରଣ କରିବା ସହ ମୋବାଇଲକୁ ବିଭିନ୍ନ ଅଶ୍ଳୀଳ ମେସେଜ ଛାଡୁଥିଲେ। ଅନେକ ସମୟରେ ଅଶ୍ଳୀଳ ଇଙ୍ଗିତ କରିବା ସହ ଏକୁଟିଆ ପ୍ରକୋଷ୍ଠକୁ ଡାକୁଥିଲେ। ନାବାଳିକା ଜଣଙ୍କ ରାଜି ନ

## ୪ ମାସରେ ୨ ଶିକ୍ଷକ, ଜଣେ ଅଧ୍ୟାପକ ଜେଲ ଗଲେଣି

ହେବାର ପରୀକ୍ଷାରେ ଫେଲ କରି ଦେବା ସହ ତୁମ ପରିବାରକୁ ବରବାଦ କରିଦେବାକୁ ଧମକ ଦେଇଥିଲେ। ସେହିପରି ନୟାଗଡ଼ର ଏକ ପ୍ରତିଷ୍ଠିତ ବେସରକାରୀ ବିଦ୍ୟାଳୟରେ ଭଦ୍ରକ ଜିଲା ଧୁଷୁରି ଥାନା ଧୁଷୁରୀ ଗାଁର ଜ୍ଞାନ ରଞ୍ଜନ ନାୟକ ନାମକ ଜଣେ ବ୍ୟକ୍ତି ଇଲିଶ ଶିକ୍ଷକ ଭାବେ କାମ କରୁଥିଲେ। ସମ୍ପୃକ୍ତ ଶିକ୍ଷକ ଜଣେ ୯ମ ଶ୍ରେଣୀର ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରି ନିକଟରେ ଜେଲ ଯାଇଛନ୍ତି। ନୟାଗଡ଼ ସହରର ଗଣିତ ଅଧ୍ୟାପକ ମନୋଜ କୁମାର ହୋତା(୪୮) ମଧ୍ୟ ବଳାତ୍କାର ଅଭିଯୋଗରେ ନିକଟରେ ଜେଲ ଯାଇଛନ୍ତି। ମନୋଜଙ୍କ ଘର ପୁରୀ ସତ୍ୟବାଦୀ ହୋଇଥିବାବେଳେ ନୟାଗଡ଼ର ଏକ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ଚାକିରି କରି ସ୍ଥାନୀୟ ବାରମାସୀ ଦଣ୍ଡାରେ ରହୁଥିଲେ।

ସାହିତ୍ୟିକ ମନୋଜ ମିଶ୍ର କହିଛନ୍ତି, ନୟାଗଡ଼ ସହରର ଜଣେ ଶିକ୍ଷକ, ଅଧ୍ୟାପକ ଅସଦାଚରଣ ଓ ବଳାତ୍କାର ଅଭିଯୋଗରେ ଜେଲ ଯିବା ଛୋଟିଆ ଘଟଣା ନୁହେଁ। ଶିକ୍ଷାନୁଷ୍ଠାନରେ ଏଭଳି ଘଟଣା ଶିକ୍ଷକ ଜାତି ପାଇଁ କଳଙ୍କ। ଗୁରୁମାନେ ସଂଯମତା ଅବଲମ୍ବନ କରିବା ଉଚିତ। ନିଜକୁ ପରିମାର୍ଜିତ କରି ନ ପାରି ନିଜର ବଦଗୁଣ କାଢ଼ିବା ପୂର୍ବରୁ ଶିକ୍ଷାନୁଷ୍ଠାନ ଛାଡ଼ି ଦେବା ଦରକାର। ସରକାର ଏ ଦିଗରେ ସ୍ୱତନ୍ତ ଭାବେ ଆଇନ ଆଣିବା ଦରକାର। ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାନ୍ତି କହିଛନ୍ତି, ଶିକ୍ଷା କ୍ଷେତ୍ରରେ ଛାତ୍ରୀଙ୍କୁ ବଳାତ୍କାର ଓ ଅସଦାଚରଣ ଘଟଣା କଳଙ୍କ। ଶିକ୍ଷକ ସଂଯମତା ରକ୍ଷା କରିବା ଦରକାର। ଶିକ୍ଷା ବ୍ୟବସାୟରେ ପରିଣତ ହୋଇ ସାରିଥିବାରୁ ଏଭଳି ଘଟଣା ଏବେ ବଢ଼ୁଛି। ଏଥିପ୍ରତି ସଚେତନତା ହେବା ଦରକାର। ଆଇନଜୀବୀ ଅମିୟ ପଟ୍ଟନାୟକ କହିଛନ୍ତି, ଶିକ୍ଷକ ହେବା ପାଇଁ କେବଳ ଶିକ୍ଷାଗତ ଯୋଗ୍ୟତା ହୋଇଗଲେ ସବୁ କିଛି ଠିକ୍‌ଠାକ ଚାଲିବ ଭାବିବା ଠିକ୍ ନୁହେଁ। ଶିକ୍ଷାଦାନ କରୁଥିବା ଶିକ୍ଷକଙ୍କ ଛାତ୍ରୀଛାତ୍ର, ସମାଜ ଓ ଶିକ୍ଷା ପାଇଁ ସମର୍ପଣ ଭାବ ରହିବା ଦରକାର। ନୈତିକତା ଉପରେ ଯେପରି ପ୍ରଶ୍ନ ଆସୁ ନ ଥିବ। ଏଭଳି ଶିକ୍ଷକ ସବୁବେଳେ ପୂଜନୀୟ, ଯାହାକି ଦିନକୁ ଦିନ ଅଭାବ ପରିଲକ୍ଷିତ ହେଉଛି। ଏହାକୁ ବଦଳାଇବାର ସମୟ ଆସିଛି। ଏଥିପାଇଁ ସରକାର, ମାତାପିତା, ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ, ଶିକ୍ଷକ ସଜାଗ ହେବା ଦରକାର।

# ୯ରେ ଜିଲା ଶିକ୍ଷା କାର୍ଯ୍ୟାଳୟ ଆଗରେ ଧାରଣା

ନୟାଗଡ଼,୨୪।୭ (ଲୋକନାଥ ମିଶ୍ର)

## ଓଷ୍ଟାର ଜିଲାସ୍ତରୀୟ ସାଧାରଣ ସଭା

ନୟାଗଡ଼ ଜିଲା ଓଷ୍ଟାର ଜିଲାସ୍ତରୀୟ ସାଧାରଣ ସଭା ରବିବାର ସୋଲପଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଓଷ୍ଟାର ସଭାପତି ଅଯୋଧ୍ୟାନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ତଥା ଜିଲା ପ୍ରଭାରୀ ରମାକାନ୍ତ ମହାପାତ୍ର, ରାଜ୍ୟ ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ସମ୍ପାଦକ ପରମାନନ୍ଦ ଦଳାଇ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ରାଜ୍ୟ ଓଷ୍ଟାର ନିର୍ଦ୍ଦେଶ କ୍ରମେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ଓ ଦାବି ଉପସ୍ଥାପନ କରିଥିଲେ। ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ଅନୁଦାନ ପରିସରଭୁକ୍ତ କରିବା, ସପ୍ତମ ବେତନ ପରିସରଭୁକ୍ତ ହୋଇ ନ ଥିବା ବିଦ୍ୟାଳୟଗୁଡ଼ିକୁ ପରିସର ଭୁକ୍ତ କରିବା, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତି ଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ ଇନକ୍ରିମେଣ୍ଟ ସହ ୬ବର୍ଷର ଚୁକ୍ତି ଅବଧିକୁ ମୂଳ ଚାକିରିରେ ଯୋଗ କରିବା, ନୂତନ ପେନସନ ବ୍ୟବସ୍ଥା ଉଚ୍ଛେଦ କରି ପୁରୁଣାକୁ ଲାଗୁ କରିବା ଇତ୍ୟାଦିକୁ ନେଇ ଅଗଷ୍ଟ ୯ କ୍ରାନ୍ତି ଦିବସ ଅବସରରେ ଜିଲା ଶିକ୍ଷା କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ନିଷ୍ପତ୍ତି ହୋଇଛି। ସେହିପରି ଅଗଷ୍ଟ ୧୬ରେ ଦାବି ଦିବସଠାରୁ ଭୁବନେଶ୍ୱର ଲୋୟର ପିଏମଜିଠାରେ ଅହୋରାତ୍ର ଧାରଣା ଦିଆଯିବ ବୋଲି ଅନୁରୂପ ନିଷ୍ପତ୍ତି ହୋଇଥିବା କୁହାଯାଇଛି। ସମ୍ମିଳନୀରେ ବ୍ଲକ ସମ୍ପାଦକ ଭଗବାନ ସାହୁ, ପ୍ରଭାକର ମିଶ୍ର, ଅକ୍ରୁର ପରିଡ଼ା, ଅଭିମନ୍ୟୁ ମହାନ୍ତି, ଅରବିନ୍ଦ ମହାଳିକ, ଜିଲା ଉପସଭାପତି ନିରାକାର ସ୍ୱାଇଁ, ଉପ ସଭାନେତ୍ରୀ ମିନତି ତ୍ରିପାଠୀ, ଯୁଗ୍ମ ସମ୍ପାଦକ ମାନସ କୁମାର ସାହୁ ଓ ଜିଲାର ସମସ୍ତ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷା କର୍ମଚାରୀ ଭାଗ ନେଇ ଉକ୍ତ ଆନ୍ଦୋଳନକୁ ସଫଳ କରିବାକୁ ମତ ପ୍ରକାଶ କରିଥିଲେ। ଉକ୍ତ ଆନ୍ଦୋଳନ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ଅଗଷ୍ଟ ୬ରେ ଜିଲା କାର୍ଯ୍ୟକାରିଣୀର ପ୍ରସ୍ତୁତି ବୈଠକ ଓ ଅଗଷ୍ଟ ୬ ପୂର୍ବରୁ ସମସ୍ତ ବ୍ଲକ କାର୍ଯ୍ୟକାରୀ କମିଟିର ପ୍ରସ୍ତୁତି ବୈଠକ ସାରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଓଡ଼ଗାଁ ବ୍ଲକ୍ ଓଷ୍ଟାର ଯୁଗ୍ମ ସମ୍ପାଦକ ମାନସ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ସାଧାରଣ ସଭାରେ ଓଷ୍ଟାର କର୍ମକର୍ତ୍ତାମାନେ।

# ଜିଲାପାଳଙ୍କ ପାଖରୁ ନିରାଶ ପରେ ମହିଳାଙ୍କ ରାସ୍ତାରୋକୋ


ପୋଲ ନିର୍ମାଣ ଦାବିରେ ମହିଳାମାନଙ୍କ ଦ୍ୱାରା ରାସ୍ତାରୋକୋ।

ନୂଆଗାଁ, ୨୪।୭ (ଧନେଶ୍ୱର ସାହୁ)

- ଏସ୍‌ଡିପିଓଙ୍କ ହସ୍ତକ୍ଷେପ ପରେ ହଟିଲା ରାସ୍ତା ଅବରୋଧ
- ପୋଲିସ ଉପସ୍ଥିତିରେ ଠିକାଦାର ଆରମ୍ଭ କଲେ ଅସ୍ଥାୟୀ ପୋଲ କାମ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସୋରଡା-ଗୌଡ ଚାଞ୍ଚେରାପଲ୍ଲୀ ଆରଡି ରାସ୍ତାରେ ପୋଲ ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ ପରେ କୌଣସି ସୁଫଳ ମିଳୁ ନ ଥିଲା। ସୋମବାର ଜିଲାପାଳଙ୍କୁ ଅଭିଯୋଗ କରି ସନ୍ତୋଷ ଜନକ ଉତ୍ତର ନ ପାଇ ନିରାଶ ହୋଇ ଫେରିବା ପରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥକୁ ସୋରଡ଼ା ପଞ୍ଚାୟତର ଶତାଧିକ ମହିଳା ଅବରୋଧ କରିଥିଲେ।

ନୂଆଗାଁ ବ୍ଲକ ସୋରଡ଼ାଠାରୁ ଗୌଡ଼ ଚାଞ୍ଚେରାପଲ୍ଲୀ ଆରଡି ରାସ୍ତାରେ ଥିବା ପୋଲ ଭାଙ୍ଗିବାର ଦୀର୍ଘ ୩ ବର୍ଷ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୋଲ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଫଳରେ ୩ ଖଣ୍ଡ ଗାଁର ଲୋକ ହଇରାଣ ହେଉଥିବା ସହ ଛାତ୍ରୀଛାତ୍ରମାନଙ୍କ ପାଠ ପଢ଼ା ବନ୍ଦ ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ଓ ଆନ୍ଦୋଳନ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏପରିକି ଅସ୍ଥାୟୀ ପୋଲ ମଧ୍ୟ ନିର୍ମାଣ ହେଉ ନ ଥିଲା। ଜିଲାପାଳଙ୍କୁ ଭେଟି ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିଲା। କେବଳ ଅଧିକାରୀମାନେ ଲିଖିତ ପ୍ରତିଶ୍ରୁତି ଦେଉଥିଲେ। କିନ୍ତୁ କାର୍ଯ୍ୟକାରୀ ହେଉ ନ ଥିଲା। ଚଳିତବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ପୋଲ ନିର୍ମାଣ କାର୍ଯ୍ୟ ସାରିବା ପାଇଁ ଠିକାଦା, ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ବିଭାଗୀୟ ନିର୍ବାହୀ ଅଧିକାରୀ, ନୂଆଗାଁ ଅତିରିକ୍ତ ତହସିଲଦାର, ଥାନାଧିକାରୀ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପୋଲ ନିର୍ମାଣ ନ ହେବାରୁ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ସୋରଡ଼ା ସରପଞ୍ଚ ଫକୀର ମୋହନ ସାହୁଙ୍କ ସମେତ ଶତାଧିକ ମହିଳା ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ଭେଟି ଅଭିଯୋଗ କରିଥିଲେ। ମହିଳାମାନେ ଫେରି ଯାଆନ୍ତୁ କେବଳ ସରପଞ୍ଚ ରହି ମୋ ସହ ଆଲୋଚନା କରିବେ ବୋଲି କହି ଚାଲି ଯାଇଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ସମସ୍ତେ ପୋଲ ନିକଟକୁ ଫେରି ଯାଇଥିଲେ। ବିଭାଗୀୟ ଯନ୍ତ୍ରୀ ଶ୍ରୀକାନ୍ତ ସାହୁ, ଏସ୍‌ଡିଓ ସସ୍ମିତା ମୁଣ୍ଡରୀ ଓ ଠିକାଦାର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଏସ୍‌ଡିଓ ମୁଣ୍ଡରୀ ସେଠାରୁ ପଳାଇ ଯାଉଥିବା ବେଳେ ମହିଳାମାନେ ଗାଡ଼ି ଆଗରେ ବସି ଏସ୍‌ଡିଓଙ୍କୁ ଅଟକାଇବା ସହ ସାଢେ ୪ଟାରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ, ନୂଆଗାଁ ଥାନା ପୋଲିସ ଓ ଏସ୍‌ଡିପିଓ ସ୍ନେହାଶିଷ ସାହୁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇଥିଲେ। ମୋ ଉପସ୍ଥିତିରେ ସୋମବାର କାମ ଆରମ୍ଭ ହେବ ବୋଲି କହି ଲୋକଙ୍କୁ ଉଠାଇବା ସହ ଏସ୍‌ଡିପିଓ ସାହୁ ନିଜେ ପୋଲ ନିକଟକୁ ଯିବାରେ ଆନ୍ଦୋଳନ ହଟିଥିଲା। ପୋଲିସ ଉପସ୍ଥିତିରେ ଅସ୍ଥାୟୀ ପୋଲ କାର୍ଯ୍ୟ ଆରମ୍ଭ କରାଯାଇଥିଲା।

ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦେବାଶିଷ


@ ଦୁଲେଶ୍ୱର


@ ରଶ୍ମିରଞ୍ଜନ


@ ରିତେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟାଙ୍ଗିଆ ଚୋଟରେ ସ୍ତ୍ରୀ, ବୋହୂ ଆହତ

ନୟାଗଡ,୨୪।୭ (ଲୋକନାଥ ମିଶ୍ର)

## ଜେଲ ଗଲେ ଅଭିଯୁକ୍ତ

ଦଶପଲ୍ଲା ଥାନା ବୁଗୁଡ଼ା ନିକଟସ୍ଥ ତିଳାବାରୀ ଗ୍ରାମରେ ସୋମବାର ଶ୍ୱଶୁର ଶତ୍ରୁଘ୍ନ ପ୍ରଧାନ (୭୨)ଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ପ୍ରମିଳା(୬୦) ଏବଂ ବୋହୂ ରଜନୀ (୩୦) ଆହତ ହୋଇଛନ୍ତି। ଆହତ ଦ୍ୱୟଙ୍କୁ ଚିକିତ୍ସା ନିମନ୍ତେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶତ୍ରୁଘ୍ନଙ୍କୁ ଗିରଫ କରିଥିଲା। ଏ ନେଇ ପୋଲିସ ନଂ. ୧୯୦/୨୩ ମାମଲା ରୁଜୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଶତ୍ରୁଘ୍ନ ଦଶପଲ୍ଲା ସବ୍ ଜେଲକୁ ପଠାଇ ଦିଆଯାଇଛି। ପାରିବାରିକ ଗଣ୍ଡଗୋଳ ନେଇ ଆକ୍ରମଣ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସକାଳେ ଶ୍ୱଶୁର ଶତ୍ରୁଘ୍ନ ପୂର୍ବ ଯୋଜନା ମୁତାବକ ଟାଙ୍ଗିଆରେ ଆକ୍ରମଣ ପାଇଁ ପ୍ରସ୍ତୁତି ହୋଇ ରହିଥିଲେ। ପରେ ସ୍ତ୍ରୀ ଓ ବୋହୂଙ୍କୁ ହାଣି ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଏନ୍‌ଏସି ଅଧକ୍ଷାଙ୍କ ୭ ଦଫା ଦାବିପତ୍ର ପ୍ରଦାନ

ଖଣ୍ଡପଡା,୨୪।୭ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଏନ୍‌ଏସି ଅଧକ୍ଷା ଆରତୀ ପ୍ରଧାନ ୭ ଦଫା ଦାବି ସମ୍ବଳିତ ଏକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫-ଟି ସଚିବଙ୍କୁ ପ୍ରଦାନ କରିଥିବା ଜଣାଯାଇଛି। ୨୦ ତାରିଖ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଖଣ୍ଡପଡ଼ା ଗସ୍ତ ଅବସରରେ ମଧୁବନ ମିନି ଷ୍ଟାଡ଼ିୟମ ପରିସରରେ ଆୟୋଜିତ ସାଧାରଣ ସଭାରେ ଏନ୍‌ଏସି ଅଧକ୍ଷା ଏହି ଦାବିପତ୍ର ପ୍ରଦାନ କରିଥିଲେ। ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ୍ ପଠାଣିସାମନ୍ତଙ୍କ ସ୍ମୃତିରକ୍ଷା ନିମନ୍ତେ ସ୍ଥାପିତ ପଠାଣି ସାମନ୍ତ ସ୍ମୃତି ମନ୍ଦିର ଓ ପାଠାଗାରର ପୁନରୁଦ୍ଧାର, ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀରେ ନୌକା ବିହାର ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଲାଇଟ୍ ଏବଂ ସାଉଣ୍ଡର ବ୍ୟବସ୍ଥା କରିବା, ଆର୍ଟ ଆଣ୍ଡ କ୍ରାଫ୍ଟ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା, କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ଲାଗି ମଧୁବନ ମିନି ଷ୍ଟାଡ଼ିୟମ୍‌ର ସାମଗ୍ରୀକ ବିକାଶ କରିବା, ଖଣ୍ଡପଡ଼ାଠାରେ ଏକ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା କରିବା, ଐତିହ୍ୟ ସମ୍ପନ୍ନ ପ୍ରାଚୀନ ମନ୍ଦିରଗୁଡ଼ିକର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ କରିବା, ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏକ ଶୀତଳଭଣ୍ଡାର ପ୍ରତିଷ୍ଠା କରିବା ଆଦି ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଉପରୋକ୍ତ ସମସ୍ତ ଦାବିଗୁଡ଼ିକ ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସ୍କୁଲ ଛାତରୁ ଖସୁଛି ପ୍ଲାଷ୍ଟର

ଖଣ୍ଡପଡା,୨୪।୭
(ଅଜୟ କୁମାର ମହାରଣା)

- କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ
- ବିପଦ ସଙ୍କୁଳ ଅବସ୍ଥା ପିଲା ପଢୁଛନ୍ତି
- ଗୃହ ଅଭାବରୁ ବିନା ସେକ୍ସନରେ ଚାଲିଛି ଶିକ୍ଷାଦାନ

ଶିକ୍ଷାର ବିକାଶ ତଥା ଉନ୍ନତି ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇ ଅର୍ଥ ବ୍ୟୟ କରାଯାଉଛି। ମାତ୍ର କେତେକ ବିଦ୍ୟାଳୟ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବିପଦ ସଂକୁଳ ଶ୍ରେଣୀ ଗୃହରେ ଶିକ୍ଷାଦାନ କାର୍ଯ୍ୟକ୍ରମ ଚାଲୁଛି। ତେବେ କଣ୍ଟିଲୋଠାରେ ଥିବା କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖଣ୍ଡ ଖସୁଛି। ବିପଦ ସଙ୍କୁଳ ଅବସ୍ଥାରେ ବାଳିକାମାନେ ପାଠ ପଢୁଛନ୍ତି। ଶ୍ରେଣୀ ଗୃହ ଅଭାବରୁ ଛାତ୍ରୀମାନଙ୍କୁ ସେକ୍ସନରେ ବିଭକ୍ତ କରା ନ ଯାଇ ଏକାଠି ଗୋଟିଏ କକ୍ଷରେ ବସାଇ ପଢା ଯାଉଥିବାରୁ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି।

କଣ୍ଟିଲୋ ଅଞ୍ଚଳରେ ବାଳିକାମାନଙ୍କ ଶିକ୍ଷାର ବିକାଶ ନିମନ୍ତେ ସ୍ଥାନୀୟ ଅଞ୍ଚଳର ଜନୈକ ବଦାନ୍ୟ ବ୍ୟକ୍ତି ସ୍ୱର୍ଗତ କୁଞ୍ଜବିହାରୀ ସାହୁ ୧୯୬୫ରେ କଣ୍ଟିଲୋ-ପାଟଣା ମଧ୍ୟସ୍ଥଳ ଏକ ପାହାଡ ଉପରେ ପାହାଡ଼କୁ କାଟି ଏକ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଯାହାର ନାମ ପ୍ରତିଷ୍ଠାତାଙ୍କ ନାମ ଅନୁସାରେ କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନାମିତ ହୋଇଛି। ପରବର୍ତ୍ତୀ ସମୟରେ ନିକଟରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସରକାରଙ୍କ ଯୋଜନା ମୁତାବକ ଏହି ବିଦ୍ୟାଳୟରେ ମିଶ୍ରଣ କରାଯାଇ ଏହାକୁ କୁଞ୍ଜ ବିହାରୀ ନୋଡାଲ ହାଇସ୍କୁଲର ମାନ୍ୟତା ଦିଆଯାଇଛି। ୧ମ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୯୨ଜଣ ଛାତ୍ରୀ ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଛନ୍ତି। ସମ୍ପୃକ୍ତ ବିଦ୍ୟାଳୟଟି ୧୯୯୪ରୁ ଟେକେନଓଭରର ମାନ୍ୟତା ପାଇଥିବା ବେଳେ ଦୀର୍ଘ ୫୮ ବର୍ଷର ସମ୍ପୃକ୍ତ ବିଦ୍ୟାଳୟ ଶ୍ରେଣୀ ଗୃହର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅନୁଦାନ ରାଶି ମଞ୍ଜୁର ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କ ଖାମ ଖିଆଲ ନୀତି ଯୋଗୁ ବର୍ଷେ ମଧ୍ୟରେ ମରାମତି କାମ ପୁଣି ନଷ୍ଟ ହୋଇଯାଉଛି। ବିଭିନ୍ନ ସମୟରେ ଛାତରୁ ସିମେଣ୍ଟ ଖଣ୍ଡ ଖସି ବିପଦ ସୃଷ୍ଟି କରୁଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅଭିଯୋଗ କରିଛନ୍ତି। ବାରମ୍ବାର ଦାବି ପରେ ବିପଦ ସଂକୁଳ ଛାତକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମରାମତି କରାଯାଇଥିଲା। ମରାମତି ସମୟରେ କାମ ନିମ୍ନମାନର ହେଉଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ। ହେଲେ ଅଭିଯୋଗ ସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇ ନ ଥିଲା। ମାତ୍ର ଠିକାଦାର ତାଙ୍କ ବିଲ ନେଇ ପଳାଇଥିଲେ। ତେବେ ୨ ମହଲା ବିଶିଷ୍ଟ କୁଞ୍ଜ ବିହାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଉପରେ ଥିବା ୨ଟି କୋଠରୀର ନିମ୍ନମାନର ମରାମତି କାମ ପାଇଁ ଏବେ ସିମେଣ୍ଟ ଖଣ୍ଡ ଖସି ବିପଦ ସଂକୁଳ ଅବସ୍ଥାରେ ରହିଛି। ଏ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡା କହିଛନ୍ତି। ୯ମ ଓ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୭୦ରୁ ଉର୍ଦ୍ଧ୍ୱ ଲେଖାଏ ଛାତ୍ରୀମାନଙ୍କୁ ୨ଟି ସେକ୍ସନରେ ବିଭକ୍ତ କରାଯାଇ ଶିକ୍ଷାଦାନ ଦେବାର ବ୍ୟବସ୍ଥା ରହିଥିବା ବେଳେ ୨ଟି ଶ୍ରେଣୀର ପିଲାମାନଙ୍କୁ ଏକାଠି ବସାଇ ଶିକ୍ଷାଦାନ ଦିଆଯାଉଛି। ଫଳରେ ପିଲା ପାଠ ପଢାରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏସବୁ ବିପଦ ସଂକୁଳ ଶ୍ରେଣୀ ଗୃହ ଗୁଡ଼ିକର ମରାମତି ଏବଂ ଛାତରେ ଆବଶ୍ୟକ ସରୁ ରଡ ଦିଆ ଯାଇ ଗ୍ରେଡିଂ କରିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏହି ବିଦ୍ୟାଳୟକୁ ସମ୍ପ୍ରତି ୫-ଟି ଯୋଜନାରେ ସାମିଲ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଉଛି। ମାତ୍ର ଏହି ମଞ୍ଜୁର ଅର୍ଥରେ ପୁରୁଣା ଛାତରେ କୌଣସି କାର୍ଯ୍ୟ କରାଯାଇପାରିବ ନାହିଁ ବୋଲି ବିଦ୍ୟାଳୟରେ ଆୟୋଜିତ ବୈଠକରେ ବିଡିଓ ଅରୁଣୀମା ସାହୁ କହିଛନ୍ତି। ତେବେ ଦୀର୍ଘ ୫୮ବର୍ଷ ପୂର୍ବରୁ ପାହାଡର ଶୀର୍ଷ ଦେଶରେ ପଥରକୁ କାଟି ପଥରର କାନ୍ଥ ଉପରେ ଛାତ ନିର୍ମାଣ କରାଯାଇ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିବାରୁ ଏହି ପୁରାତନ ବିଦ୍ୟାଳୟର ସୁରକ୍ଷା ଲାଗି ଛାତର ରକ୍ଷଣାବେକ୍ଷଣ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଜିଲା ପରିଷଦ ସଭ୍ୟା ଉଜଳ ମହାରଣା ଓ ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଦାବି କରିଛନ୍ତି।


ବାଳିକା ହାଇସ୍କୁଲର ଛାତରୁ ସିମେଣ୍ଟ ଖଣ୍ଡ ଖସୁଛି।

